بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ

# ବଦର

Weekly **BADAR** Qadian

କାଦିଆନ

Odia

ଖଣ୍ଡ 5

ସଂଖ୍ୟା 3

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

16 ଜାନୁଆରୀ 2020 | 16 ଫତାହ୍ 1399 ହି.ଶ | 20 ଜମାଦିଲ୍ ଅୱ୍ୱଲ୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَمَا کَانَ لِنَبِیٍّ اَنۡ یَّغُلَّ ؕ وَمَنۡ یَّغۡلُلۡ یَاۡتِ بِمَا غَلَّ یَوۡمَ الۡقِیٰمَۃِ ۚ ثُمَّ تُوَفّٰی کُلُّ نَفۡسٍ مَّا کَسَبَتۡ وَہُمۡ لَا یُظۡلَمُوۡنَ ○

(آل عمران:162)

ଅନୁବାଦ- ଏବଂ କୌଣସି ନବୀଙ୍କ ପକ୍ଷରେ ଆତ୍ମସାତ୍ କରିବା ଶୋଭନିୟ ନୁହେଁ ଏବଂ ଯେଉଁ ବ୍ୟକ୍ତି ଆତ୍ମସାତ୍ କରିବ ସେ ନିଜ ଆତ୍ମସାତ୍-ଲବ୍ଧ ଧନକୁ କୟାମତ ଦିନ ନିଜେ ହିଁ ପ୍ରକାଶ କରିବ; ତା'ପରେ ପ୍ରତ୍ୟେକ ବ୍ୟକ୍ତିକୁ, ଯାହା କିଛି ସେ ଉପାର୍ଜନ କରିଥିବ, ସମ୍ପୂର୍ଣ୍ଣରୂପେ ଦିଆଯିବ; ଏବଂ ସେମାନଙ୍କ ପ୍ରତି କୌଣସି ପ୍ରକାରର ଅତ୍ୟାଚାର କରାଯିବ ନାହିଁ । *(ଆଲେ ଇମରାନ୍: ୧୬୨)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍ହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ ବାରିକ୍ଲନା ଫିଁଉମ୍ରିହି ୱ୍ ଅମ୍ରିହି ॥**

**ପବିତ୍ର କୋରାନ୍କୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି ଯେ ସେହି ଉମ୍ମି ବ୍ୟକ୍ତିବିଶେଷ କେବଳ ପୁସ୍ତକ (ଅର୍ଥାତ ଧର୍ମବିଧାନ) ଓ ହିକ୍ମତ୍ (ଅର୍ଥାତ ବୁଦ୍ଧିମତା) ବତାଇନାହାନ୍ତି ବରଂ ଆତ୍ମଶୁଦ୍ଧିର ମାର୍ଗଗୁଡ଼ିକ ସହିତ ପରିଚିତ କରାଇଛନ୍ତି । ଏପରିକି ଅୟଦ୍ହୁମ୍ ବିରୁହିମ୍ ମିନ୍ହୁ (ଅଲ୍ମୁଜାଦଲାଃ : ୨୩) ପର୍ଯ୍ୟନ୍ତ ପହଂଚାଇ ଦେଇଛନ୍ତି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ରସୁଲେ ଉମ୍ମି (ଅର୍ଥାତ ନିରକ୍ଷର ରସୁଲ୍) ସ:ଆ:ସଙ୍କ ଅନୁପମ ପଦମର୍ଯ୍ୟାଦା / ସ୍ଥାନ

ଯେହେତୁ ଆମ ନବୀ କରିମ୍ ସ:ଆ:ସ ସମଗ୍ର ଦୁନିଆରେ ଲୋକମାନଙ୍କ ନିମନ୍ତେ ଆଧ୍ୟାତ୍ମିକ ପ୍ରଶିକ୍ଷଣ ପାଇଁ ଆସିଥିଲେ ସେଥି ପାଇଁ ଏହି ରଙ୍ଗ ହୁଜୁର ଆଲୈହିସ୍ ସଲାତୁ ୱସ୍ ସଲାମ୍ଙ୍କଠାରେ ପୂର୍ଣ୍ଣଭାବେ ମହଜୁଦ ଥିଲା ଏବଂ ଏହା ହେଉଛି ସେହି ପଦମର୍ଯ୍ୟାଦ ଯାହା ବିଷୟରେ ପବିତ୍ର କୋରାନ୍ ଅନେକ ସ୍ଥାନରେ ହଜୁରଙ୍କ ସମ୍ବନ୍ଧରେ ସାକ୍ଷ୍ୟ ଦେଇଅଛି ଏବଂ ଅଲ୍ଲାଃ ତାଲାଙ୍କ ବିଶେଷତାର ମୁକାବିଲାରେ ଓ ସେହି ରଙ୍ଗରେ ଆଁ ହଜରତ ସ:ଆ:ସଙ୍କ ବିଶେଷତାକୁ ବର୍ଣ୍ଣନା କରିଛି । ***ୱ୍ମା ଅର୍ସଲ୍ନାକା ଇଲ୍ଲାଃ ରହମ୍ତଲ୍ ଲିଲ୍ ଆଲମୀନ୍*** (ଅମ୍ବେୟା :୧୦୮) ଏବଂ ସେହିପରି ନିର୍ଦ୍ଦେଶ ଦେଇଛି **କୁଲ୍ ୟା ଆୟୋହନ୍ ନାସୁ ଇନ୍ନି ରସୁଲୁଲ୍ଲାଃହି ଇଲୈକୁମ୍ ଯମିଆ (ଅଲ୍ ଆରାଫ୍ : ୧୫୯)** ପବିତ୍ର କୁର୍ଆନ୍ର ଅନ୍ୟାନ୍ୟ ସ୍ଥାନ ଉପରେ ଧ୍ୟାନ କଲେ ଜଣା ପଡୁଛି ଯେ ଆଁ ହଜରତ ସ:ଆ:ସଙ୍କୁ ଅଲ୍ଲାଃ ତାଲା ଉମ୍ମି (ଅର୍ଥାତ ନିରକ୍ଷର) କହିଛନ୍ତି । ଏହା ଏଥିପାଇଁ କି ଅଲ୍ଲାଃଙ୍କ ବ୍ୟତିତ ଆପଣ ସ:ଆ:ସଙ୍କର କେହି ଗୁରୁ ନଥିଲେ କିନ୍ତୁ ବାସ୍ତବିକ ଆପଣ ନିରକ୍ଷର ଥିଲେ । ହଜୁରଙ୍କ ଦୀନ୍ରେ **ଉମ୍ମିୟୁନ୍** ମଧ୍ୟମ ଧରଣର ଲୋକମାନଙ୍କ ବ୍ୟତିତ ଉଚ୍ଚ ସ୍ତରର ଦାର୍ଶନିକ ଏବଂ ଜ୍ଞାନୀମାନଙ୍କୁ ମଧ୍ୟ ଭରି ଦେଇଛି ଯେଉଁଥିରୁ ***(କୁଲ୍ ୟା ଅୟୋହନ୍ ନାସୁ ୱ୍ମା ଅର୍ସଲ୍ନାକା ଇଲ୍ଲାଃ ରହମ୍ତଲ୍ ଲିଲ୍ ଆଲମୀନ୍*** (ଅମ୍ବେୟା : ୧୦୮) ର ଅର୍ଥ ଅତ୍ୟନ୍ତ ସୂକ୍ଷ୍ମ ସରଳଭାବେ ବୁଝାଯାଇପାରେ । ଯମିଅନ୍ ଶବ୍ଦର ଦୁଇଟି ଅର୍ଥ ରହିଛି । ପ୍ରଥମଟି ହେଉଛି ସମଗ୍ର ମାନବଜାତି ବା ସମଗ୍ର ପ୍ରାଣିଜଗତ, ଦ୍ୱିତୀୟ ଟି ହେଉଛି ସବୁ ଧର୍ମର ଲୋକମାନଙ୍କ ପାଇଁ ଅର୍ଥାତ ମଧ୍ୟମ, ନିଚ ଏବଂ ଉଚ୍ଚ ସ୍ତରର ଦାର୍ଶନିକ ଏବଂ ପ୍ରତ୍ୟେକ ପ୍ରକାରର ବୁଦ୍ଧି ଓ ଜ୍ଞାନ ରଖିଥିବା ଲୋକମାନଙ୍କ ନିମନ୍ତେ । ସୁତରାଂ ପ୍ରତ୍ୟେକ ବୁଦ୍ଧିମାନ ଓ ପ୍ରତ୍ୟେକ ସ୍ୱଭାବର ଲୋକମାନେ ମୋ ସହିତ ସମ୍ପର୍କ ରଖିପାରିବେ ।

ପବିତ୍ର କୋରାନ୍କୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି ଯେ ସେହି ଉମ୍ମି ବ୍ୟକ୍ତିବିଶେଷ କେବଳ ପୁସ୍ତକ (ଅର୍ଥାତ ଧର୍ମବିଧାନ) ଓ ହିକ୍ମତ୍ (ଅର୍ଥାତ ବୁଦ୍ଧିମତା) ବତାଇନାହାନ୍ତି ବରଂ ଆତ୍ମଶୁଦ୍ଧିର ମାର୍ଗଗୁଡ଼ିକ ସହିତ ପରିଚିତ କରାଇଛନ୍ତି । ଏପରିକି **ଅୟଦ୍ହୁମ୍ ବିରୁହିମ୍ ମିନ୍ହୁ** (ଅଲ୍ମୁଜାଦଲାଃ : ୨୩) ପର୍ଯ୍ୟନ୍ତ ପହଂଚାଇ ଦେଇଛନ୍ତି । ଦେଖ ଓ ଧ୍ୟାନ ଦୃଷ୍ଟିରେ ଦେଖ ଯେ ପବିତ୍ର କୋରାନ୍ ପ୍ରତ୍ୟେକ ପ୍ରକାରର ଜ୍ଞାନପିପାସୁଙ୍କୁ ସନ୍ତୁଷ୍ଟ କରିଥାଏ ଏବଂ ପ୍ରତ୍ୟେକ ପ୍ରକାରର ସତ୍ୟାନ୍ୱେଷଣ ବ୍ୟକ୍ତିବିଶେଷର ତୃଷ୍ଣା ନିବାରଣ କରିଥାଏ । କିନ୍ତୁ ଚିନ୍ତା ତ କର ଯେ ଏହି ହିକ୍ମତ୍ ଓ ମାରେଫତ୍ (ଅର୍ଥାତ ବୌଦ୍ଧିକ ଓ ସତଜ୍ଞାନ)ର ନଦୀ, ସତ୍ୟ ଓ ଜ୍ୟୋତିର ଝରଣା କାହା ଉପରେ ଅବତୀର୍ଣ୍ଣ ହେଲା ? ସେହି ମୁହମ୍ମଦ ସ:ଆ:ସଙ୍କ ଉପରେ ଯିଏ ଗୋଟିଏପଟେ ଉମ୍ମି ବୋଲାଉଥିଲେ ଏବଂ ଅନ୍ୟପଟେ ଏପରି ସିଦ୍ଧି ଓ ସତ୍ୟତା ତାଙ୍କ ମୁଖରୁ ବାହାରୁ ଅଛି ଯେ ପୃଥିବୀଇତିହାସରେ ଏହାର ଦୃଷ୍ଟାନ୍ତ ମିଳୁନାହିଁ । ଏହା ଅଲ୍ଲାଃ ତାଲାଙ୍କ ବିଶେଷ କୃପା କି ଯଦ୍ୱାରା ଲୋକମାନେ ଅନୁଭବ କରିବେ ଯେ ଅଲ୍ଲାଃ ତାଲାଙ୍କ ସମ୍ପର୍କ ମଣିଷ ସହିତ କେଉଁ ପର୍ଯ୍ୟନ୍ତ ହୋଇପାରେ ? ଆମ୍ଭର ଏହାକୁ ବର୍ଣ୍ଣନା କରିବାର ଉଦ୍ଦେଶ୍ୟ ହେଉଛି ଏହା କି ଅଲ୍ଲାଃ ତାଲାଙ୍କ ବହୁତ ସୂକ୍ଷ୍ମର ସ୍ତର ପର୍ଯ୍ୟନ୍ତ ପହଂଚିଯାଏ । ମୁକରରବିନ୍ (ଅର୍ଥାତ ଅଲ୍ଲାଃଙ୍କ ନିକଟତର ବ୍ୟକ୍ତିବିଶେଷ) ସହିତ ଅଲ୍ଲାଃଙ୍କର ଏପରି ସମ୍ପର୍କ ରହିଥାଏ ଯେ ପ୍ରାଣୀଙ୍କୁ ପୂଜା କରୁଥିବା ଲୋକେ ସେ ସବୁକୁ ଈଶ୍ୱର ବୋଲି ଭାବି ନେଇଥାନ୍ତି । ଏକଥା ସମ୍ପୂର୍ଣ୍ଣରୂପେ ସଠିକ ଯେ :-

***ମର୍ଦାନ୍ ଖୁଦା ଖୁଦାନବାଶିନ୍ଦ୍ ଲେକିନ୍ ଜଖୁଦା ଯୁଦାନବାଶିନ୍ଦ୍***

ଖୁଦାତାଲା ସେମାନଙ୍କ ସହିତ ଏପରି ରହିଥାନ୍ତି ଯେ ବିନା ଦୁଆ (ପ୍ରାର୍ଥନା)ରେ ମଧ୍ୟ ସେମାନଙ୍କୁ ସାହାଯ୍ୟ କରିଥାଏ । ଉଦ୍ଦେଶ୍ୟ ହେଉଛି ଏହା କି ମନୁଷ୍ୟର ଉଚ୍ଚତମ ସ୍ତର ସେହି **ନଫ୍ସେ ମୁତ୍ମଇନ୍ନାଃ** (ଅର୍ଥାତ ଆତ୍ମସନ୍ତୋଷ) ଯାହା ଉପରେ ମୁଁ କଥା ଆରମ୍ଭ କରିଛି । ଏହିପରି ଅବସ୍ଥାରେ ଏବଂ ସବୁ ପରିସ୍ଥିତିରେ ଏମିତି ଅନିବାର୍ଯ୍ୟ ହୋଇଯାଏ ଯେ ଅଲ୍ଲାଃଙ୍କ ସହିତ ସାଧାରଣ ସମ୍ପର୍କଠାରୁ ଅଧିକା ହୋଇ ତାହା ବିଶେଷ ସମ୍ପର୍କ ହୋଇଯାଏ ଯାହା ପ୍ରାର୍ଥୀବ ଓ ଧରାସ୍ତରୀୟ ହୋଇନଥାଏ ବରଂ ଉଚ୍ଚ ଓ ଆକାଶୀୟ ସମ୍ପର୍କ ହୋଇଥାଏ । ଅର୍ଥାତ ଏହିପରି ଆତ୍ମସନ୍ତୋଷ,ଯାହାକୁ ସଫଳତା ଓ ଦୃଢ଼ତା ମଧ୍ୟ କୁହାଯାଏ ଏବଂ ***ଏହ୍ଦେନସ୍ ସିରାତଲ୍ ମୁସ୍ତକୀମ୍*** (ଅଲ୍ଫାତିହା : ୬) ରେ ମଧ୍ୟ ଏଥିପ୍ରତି ଇଙ୍ଗିତ ଅଛି ଏବଂ ସେହି ମାର୍ଗର ପ୍ରାର୍ଥନା ପାଇଁ ଶିକ୍ଷା ଦିଆଯାଇଅଛି । ଏବଂ ଏହି ଦୃଢ଼ତାର ମାର୍ଗ ହେଉଛି ସେହି ଲୋକମାନଙ୍କ ମାର୍ଗ ଯେଉଁମାନେ ***ମୁନ୍ଅମ୍ ଆଲୈହିମ୍*** । (ଅର୍ଥାତ ଯାହାଙ୍କ ଉପରେ ଐଶି ପୁରସ୍କାର ଅବତୀର୍ଣ୍ଣ ହୋଇଛି) । ଏମାନେ ଅଲ୍ଲାଃ ତାଲାଙ୍କ କୃପା ଓ ଐଶି ପୁରସ୍କାର ଲଭିଥାନ୍ତି । ***ମୁନ୍ଅମ୍ ଆଲୈହିମ୍*** ର ମାର୍ଗକୁ ବିଶେଷ ରୂପେ ବର୍ଣ୍ଣନା କରିବାର ଅର୍ଥ ଏହା ଥିଲା ଯେ ଇସ୍ତିକାମତ୍ (ଅର୍ଥାତ ଦୃଢ଼ତା)ର ବିଭିନ୍ନ ମାର୍ଗ ରହିଛି କିନ୍ତୁ ସେହି ଇସ୍ତିକାମତ୍ ଯାହା ହେଉଛି ସଫଳତାର ମାର୍ଗଗୁଡ଼ିକ ନାମ, ତାହା ହେଉଛି ଅମ୍ବିୟା ଆ:ସଙ୍କ ମାର୍ଗ । ସେଥିରେ ଆଉ ଏକ ଇସାରା ଜଣାପଡୁଛି ଯେ ***ଏହ୍ଦେନସ୍ ସିରାତଲ୍ ମୁସ୍ତକିମ୍*** ର ଦୁଆ ମଣିଷର ମୁହଁ, ହୃଦୟ ଏବଂ କର୍ମ ଦ୍ୱାରା ହୋଇଥାଏ ଏବଂ ଯେବେ ମଣିଷ ଖୁଦାଙ୍କ ନିକଟରେ ପୂଣ୍ୟବାନ୍ ହେବାପାଇଁ ଦୁଆ କରେ ସେତେବେଳେ ତାଙ୍କୁ ଲାଜ ଲାଗିଥାଏ କିନ୍ତୁ ଏହା ହିଁ ଗୋଟିଏ ଦୂଆ ଯାହା ସେହି ସମସ୍ତ ଦୁଃଖକଷ୍ଟକୁ ଦୂର କରି ଦେଇଥାଏ । ଇୟାକା ନାବୁଦୁ ୱ୍ ଇୟାକା ନସ୍ତଇନ୍ (ଅଲ୍ଫାତିହା:୫) ଆମେ ତୁମର ହିଁ ଉପାସନା କରୁଅଛୁ ଓ ତୁମଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛୁ ।

### ଦୁଆ କରିବା ପୂର୍ବରୁ ସମସ୍ତ ଶକ୍ତିକୁ ଖର୍ଚ୍ଚ କରିବା ଜରୁରୀ

ଇୟାନା ନସ୍ତଇନ୍ ଉପରେ ଇୟାକା ନାବୁଦୁ କୁ ଏଥିପାଇଁ ଅଗ୍ରାଧିକାର ଦିଆଯାଇଛି ଯେ ମନୁଷ୍ୟ ଦୁଆ କରିବା ସମୟରେ ସମସ୍ତ ଅଙ୍ଗ/ଶକ୍ତି ଦ୍ୱାରା କାମ ନେଇ ଖୁଦାତାଲାଙ୍କ ଆଡ଼କୁ ଆସିଥାଏ । ସମସ୍ତ ଶକ୍ତି ବିନିଯୋଗ କରି କାମ ନ ନିଆଯିବା ଏବଂ ପ୍ରକୃତିର ନିୟମ କାନୁନକୁ ପ୍ରୟୋଗ ନ କରିବା ହେଉଛି ଏକ ପ୍ରକାରର ଅଭଦ୍ରାମି ଓ ଧୃଷ୍ଟତା । ଉଦାହରଣ ସ୍ୱରୁପ ଜଣେ କୃଷକ ମଞ୍ଜି ବୁଣିବା ପୂର୍ବରୁ ହିଁ ଯଦି ଏ ଦୁଆ କରେ ଯେ ହେ ଅଲ୍ଲାଃ ! ଏହି ଜମିଟିକୁ ସବୁଜିମାରେ ଭରିଦିଅ ଓ ଫୁଲ ଫଳ ଦିଅ, ତେବେ ଏହା ଧୃଷ୍ଟତା ଓ ଉପହାସ ହେବ । ଏହାକୁ ଖୁଦାତାଲାଙ୍କ ପରୀକ୍ଷା ଓ ପ୍ରୟୋଗ କୁହାଯାଏ, ଯାହା ମନା କରାଯାଇଅଛି, ଓ କୁହାଯାଇଅଛି ଯେ ଖୁଦାଙ୍କର ପରୀକ୍ଷା ନିଅ ନାହିଁ । ଯେମିତି ମସିହ୍ ଆ:ସଙ୍କ ମାଏଦାଃ (ଅର୍ଥାତ ସ୍ୱର୍ଗରୁ ଭଳି ଭଳି ଖାଦ୍ୟ) ମାଗିବା ପ୍ରସଙ୍ଗରେ ଏ ବିଷୟ ସ୍ପଷ୍ଟ ରୂପେ ବର୍ଣ୍ଣନା କରାଯାଇଅଛି । ତା ଉପରେ ଭାବ ଓ ଚିନ୍ତାକର । *(ମଲ୍ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୦୪-୧୦୬, ପ୍ରକାଶନ ୨୦୧୮ କାଦିଆନ୍)*

*ପୃଷ୍ଠା- ୭ ର ଅବଶିଷ୍ଟାଂଶ ......*

ମୁକରମ୍ ଅତାଉଲ୍ କରିମ୍ ମିବଶିର୍ ସାହେବ ସୁପୁତ୍ର ମିଆଁ ଅଲ୍ଲାଃଦତା ସାହେବ୍ କିର୍ତୁ ଜିଲ୍ଲା ଶେଖୋପୁରା ନିବାସୀ, ବର୍ତମାନ କାନାଡ଼ା ନିବାସୀଙ୍କର । ୧୩ ନଭେମ୍ବର ୨୦୧୯ ଦିନ ତାଙ୍କର ୭୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା, ***ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍ ।*** ମର୍‌ହୁମ୍‌ଙ୍କ ବଂଶରେ ଅହେମଦୀୟତ ତାଙ୍କ ବାପା ମୁକରମ୍‌ମିଆଁ ଅଲ୍ଲାଃଦତା ସାହେବ୍‌ଙ୍କ ଜରିଆରେ ଆସିଥିଲା, ଯିଏ ୧୯୩୪ ମସିହାରେ ହଜରତ ମୁସଲେହ ମଉଦ ର:ଅଙ୍କ ହାତରେ ବୟତ କରିଥିଲେ ଓ ପୁଣି ଅହେମଦୀ ହେବା ପରେ ସାରା ଜୀବନ ୱକ୍‌ଫ କରିବାଭଳି ବିତାଇଛନ୍ତି । ସେ ସର୍ବଦା ତବ୍‌ଲିଗ୍ କରୁଥିଲେ ବହୁତଗୁଡିଏ ଖାନ୍‌ଦାନକୁ ଅହେମଦୀ କରିଛନ୍ତି ଓ ଜୀବନ ତମାମ୍ ୱକ୍‌ଫର ମନବୃତି ରଖି ଯମାତ୍‌ର ଖିଦ୍‌ମତ୍ କରିଛନ୍ତି । ଯେପର୍ଯ୍ୟନ୍ତ ସେ ପାକିସ୍ତାନରେ ରହୁଥିଲେ ଲାହୋରଠାରେ ବିଭିନ୍ନ ଯମାତି ଖିଦ୍‌ମତ୍ କରିବାର ସୌଭାଗ୍ୟ ପାଇଛନ୍ତି । ପୁଣି ୨୦୦୭ ମସିହାରେ ସେ କାନାଡ଼ା ଚାଲିଗଲେ । ସେଠାରେ ନିଜ ଯମାତ୍‌ରେ ସେକ୍ରେଟାରୀ ଇଶାଅତ୍ ଭାବେ ଖିଦ୍‌ମତ୍ କରିବାର ସୌଭାଗ୍ୟ ପାଇଲେ । ତାଙ୍କ ଫୁସ୍‌ଫୁସ୍ ରୋଗ ଯୋଗୁଁ ତାଙ୍କଠାରେ ସ୍ଥାୟୀଭାବେ ଅମ୍ଳଜାନ ଲାଗି ରହିଥିଲା । ଯେବେ ତାଙ୍କୁ ତାଙ୍କର ସ୍ୱାସ୍ଥ୍ୟ ତାଙ୍କୁ ଅନୁମତି ଦେଉଥିଲା ସେ ନିଜ ହ୍ୱିଲ୍ ଚେୟାରରେ ବସି ନିୟମିତ ନମାଜ ପାଠ କରିବା ପାଇଁ ଯାଉଥିଲେ । ବହୁତ ସାହାସର ସହିତ ରୋଗର ମୁକାବିଲା କଲେ । କେବେ କୌଣସି ପ୍ରକାରର ଅଭିଯୋଗ କରିନାହାନ୍ତି । ନିଜାମେ ଯମାଆତ୍ ଏବଂ ଖିଲାଫତ ସହିତ ତାଙ୍କର ନିଷ୍ଠା ଓ ଭକ୍ତିଭାବର ସମ୍ବନ୍ଧ ଥିଲା ଏବଂ ଗଭୀର ପ୍ରେମ ଭାବର ସମ୍ପର୍କ ଥିଲା ସେ ଅତ୍ୟନ୍ତ ବୁଦ୍ଧିମାନ ଓ ଉଚିତ ନିର୍ଣ୍ଣୟ ଦେଉଥିବା ଲୋକ ଥିଲେ । ସ୍ୱଷ୍ଟ ମନ ଓ ସଠିକ୍ ବ୍ୟକ୍ତି ବିଶେଷ ଥିଲେ । ତାଙ୍କ କୁଟୁମ୍ବର ପ୍ରତ୍ୟେକ ବ୍ୟକ୍ତି ଏକଥା ପ୍ରକାଶ କରୁଛନ୍ତି ଯେ, ମୋ ସହିତ ତାଙ୍କର ଗଭୀର ସମ୍ପର୍କ ଥିଲା । ପ୍ରତ୍ୟେକଙ୍କ ସହିତ ନିଷ୍ଠାଭାବ ରଖିଥିଲେ ଓ ସମସ୍ତଙ୍କ ପାଇଁ ଲାଭକାରି ବ୍ୟକ୍ତି ଥିଲେ କେବେ କାହାର ଆପତି ଅଭିଯୋଗ କରିନାହାନ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ପ୍ରେମପୂର୍ଣ୍ଣ ଓ ବନ୍ଧୁତ୍ୱପୂର୍ଣ୍ଣ ସୁସମ୍ପର୍କ ରଖିଥିଲେ । ମର୍‌ହୁମ୍ ମୁସି ଥିଲେ ତାଙ୍କ ଅନ୍ତେ ତାଙ୍କ ପତ୍ନୀଙ୍କ ବ୍ୟତିତ ଦୁଇଜଣ ଝିଅ ଓ ଦୁଇଜଣ ପୁତ୍ର ସନ୍ତାନ ଅଛନ୍ତି । ତାଙ୍କର ଜଣେ ପୁତ୍ର ଅତାଉଲ୍ ମନାନ୍ ତାହେର୍ ସାହେବ୍ ହେଉଛନ୍ତି ମୁରବୀ ସିଲ୍‌ସିଲା ଯିଏ ଆଜିକାଲି ସଦର  ସଦର ଅଞ୍ଜୁମନ୍ ଅହେମଦୀୟା କାର୍ଯ୍ୟାଳୟରେ ନାଏବ୍ ନାଜିର୍ ଅଛନ୍ତି । ଏବଂ ସେଠାରେ ତାଙ୍କୁ ଖିଦ୍‌ମତ୍ କରିବାର ସୌଭାଗ୍ୟ ମିଳୁଅଛି ଏବଂ ତାଙ୍କର ଜଣେ ନାତୀ ଯାଜିବ୍ ଅହେମଦ୍ ଜାମିୟା ଅହେମଦୀୟା କାନାଡ଼ାରେ ଅଧ୍ୟୟନ କରୁଛନ୍ତି । ଯମାତ୍‌ର ଶାୟର୍ (କବି) ଅବଦୁଲ୍ କରିମ୍ କୁଦୁସି ସାହେବ୍ ଙ୍କର ସେ ବଡ଼ଭାଇ ଥିଲେ । ଅଲ୍ଲାଃ ତାଲା ମର୍‌ହୁମ୍‌ଙ୍କୁ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ  ସହିତ ଦୟା କରନ୍ତୁ ଏବଂ ତାଙ୍କ ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟ କାର୍ଯ୍ୟଗୁଡ଼ିକୁ ଜାରି ରଖିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....*

୬୦୦ ନୁହେଁ ୬ ହଜାର କିଲୋ ଥିଲା ସେ ଯାହା ହେଉ ଅଲ୍ଲାଃ ତାଲା ମୁନାଫିକ୍‌ମାନଙ୍କ ଲାଞ୍ଛନା ଲଗାଇବା ଯୋଗୁଁ ସୁରାଃ ତୌବାର ନିମ୍ନଲିଖିତ ଆୟତ ଅବତୀର୍ଣ୍ଣ କରିଛନ୍ତି । **ଅଲ୍‌ଲଜିନା ୟଲ୍‌ମିଜୁନଲ୍ ମୁତଓି ୱଇନ୍ ମିନଲ୍ ମୁମିନିନା ଫିସ୍‌ସଦକାତି ୱଲ୍‌ଲଜିନା ଲାୟଜିଦୁନା ଇଲ୍ଲା ଜୁହ୍‌ଦହୁମ୍ ଫୟସ୍‌ଖରୁନା ମିନ୍‌ହୁମ୍ ସଖିରଲ୍ଲାହୁ ମିନ୍‌ହୁମ୍ ୱଲହୁମ୍ ଅଜାବୁନ୍ ଅଲିମ୍** (ତୌବା : ୭୯) ଅର୍ଥାତ ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଯେଉଁମାନେ ମୁକ୍ତ ହସ୍ତରେ ଦାନ କରନ୍ତି ସେମାନଙ୍କୁ କପଟବିଶ୍ୱାସୀମାନେ ବିଦ୍ରୂପ କରନ୍ତି ଏବଂ ଯେଉଁମାନଙ୍କର ନିଜ ଉପାର୍ଜିତ ଧନ ବ୍ୟତୀତ ଅନ୍ୟ କିଛି ସାମର୍ଥ୍ୟ ନଥାଏ ସେମାନଙ୍କୁ ମଧ୍ୟ । ସୁତରାଂ ଏହି ତ୍ୟାଗ ସତ୍ତ୍ୱେ କପଟବିଶ୍ୱାସୀମାନେ ସେମାନଙ୍କୁ ପରିହାସ କରନ୍ତି । ଅଲ୍ଲାଃ ସେମାନଙ୍କ ପରିହାସ ପାଇଁ ସେମାନଙ୍କୁ ଦଣ୍ଡିତ କରିବେ ଏବଂ ସେମାନଙ୍କ ପାଇଁ ଯନ୍ତ୍ରଣାଦାୟକ ଶାସ୍ତି ରହିଅଛି । *(ଉସଦୁଲ୍ ଗାବାଃ......... ଖଣ୍ଡ-୬, ପୃ-୨୧୫, ଅବୁଅକିଲ୍...... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ) (ଲୁଗାତୁଲ୍ ହଦୀସ୍ ଖଣ୍ଡ-୪, ପୃ-୪୮୭ "ୱସକ୍" ଲୁଗାତୁଲ୍ ହଦୀସ୍ ଖଣ୍ଡ-୨, ପୃ-୬୪୮ "ସାଆ")*

ଏହା ସେହି ମୁନାଫିକ୍‌ମାନଙ୍କ ପାଇଁ ବା ସେହି ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ଏହିପରି ଲାଞ୍ଛନା ଲଗାଉଛନ୍ତି ସେ ଯାହା ହେଉ ହଜୁର ଅନୱର ଅ.ବ କହିଲେ- ହଜରତ ହିଲାଲ ବିନ୍ ଉମୟାଙ୍କର ଆଉ କିଛି ଚର୍ଚ୍ଚା ବାକି ଅଛି ଯାହାକି **ଇନ୍ନଶା ଅଲ୍ଲାଃ** ମୁଁ ଆସନ୍ତାରେ ଆଲୋଚନା କରିବି ।

ବର୍ତମାନ ମୁଁ ୱକ୍‌ଫେ ନୌ ବିଭାଗ ସମ୍ବନ୍ଧରେ ଏକ ଘୋଷଣା କରିବି ଯେ କି Waqfenauintl.org ନାମରେ ଏକ ୱେବସାଇଟ୍ ପ୍ରସ୍ତୁତ କରିଛନ୍ତି, ଯାହାର ଆଜି ମୁଁ ଉଦ୍‌ଘାଟନ କରିବି । **ଇନ୍ନଶା ଅଲ୍ଲାଃ** ଏହି ୱେବସାଇଟ୍ ମାଧ୍ୟମରେ ୱକ୍‌ଫେ ନୌ ବାଳକ ବାଳିକାମାନଙ୍କ ଅଭିଭାବକମାନେ ନିଜର ହେବାକୁ ଥିବା ପିଲାମାନଙ୍କୁ ୱକ୍‌ଫେ ନୌରେ ସାମିଲ କରିବା ପାଇଁ ଲେଖିଥିବା ଚିଠି ସମ୍ବନ୍ଧରେ ଏବଂ ସେହି ଚିଠି ଗୁଡ଼ିକର ଉତର ସମ୍ବନ୍ଧରେ ଏ ବିଭାଗ ସହିତ ପ୍ରତ୍ୟେକ୍ଷ ରୂପେ ଯୋଗାଯୋଗ କରି ମାର୍ଗଦର୍ଶନ ଲାଭ କରିପାରିବେ । ପୁଣି ମାଆ ବାପାମାନେ ୱାକିଫିନେ ନୌଙ୍କ ତାଲିମ୍ ଓ ତର୍‌ବିୟତ (ପ୍ରଶିକ୍ଷଣ) ନିମନ୍ତେ ଯାହା ମୋର ହିଦାୟତ ରହିଛି ଓ ମାର୍ଗ ଦର୍ଶନ ରହିଛି, ସେ ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ପୁଣି ୱେବସାଇଟ୍‌ରେ ଖଲିଫାମାନଙ୍କର ଖୁତ୍‌ବା, ଭାଷଣଗୁଡ଼ିକ ଏବଂ ୱାକିଫିନେ ନୌ ର ଯେଉଁ ସିଲାବସ୍ ରହିଛି ଏବଂ ସେମାନଙ୍କର ଯେଉଁ ପ୍ରତ୍ରିକା ରହିଛି ଯେମିତି ପୁଅମାନଙ୍କ ପାଇଁ "ଇସ୍‌ମାଇଲ୍ ପ୍ରତ୍ରିକା" ଏବଂ ଝିଅମାନଙ୍କ ପାଇଁ "ମରିୟମ୍" ତାହା ସବୁର ଅଙ୍କଗୁଡ଼ିକ ମଧ୍ୟ ଏଥିରେ ଦେଖିପାରିବେ । ପୁଣି ୱାକିଫିନେ ନୌଙ୍କୁ ଏଥିରେ କ୍ୟାରିଅର୍ ପ୍ଲାନିଙ୍ଗ କରିବା ପାଇଁ ମଧ୍ୟ ମାର୍ଗଦର୍ଶନ ମିଳିପାରିବ । ପୁଣି ଏହି ୱେବସାଇଟ୍‌ରେ ତଜ୍‌ଦିଦେ ୱକ୍‌ଫ (ଅର୍ଥାତ ୱକ୍‌ଫର ପୂର୍ନବିନ୍ୟାସ) ଏବଂ ୱକ୍‌ଫେ ନୌ ବିଭାଗ ସହିତ ନିଜର ସମ୍ପର୍କ ସ୍ଥାପନ ରଖିବା ଏବଂ ଅପ୍ ଟୁ ଡେ଼ଟ୍ ରହିବାର ସୁବିଧା ମଧ୍ୟ ଉପଲବ୍ଧ ରହିଛି । ପୁଣି ୱକ୍‌ଫିନେ ନୌ ଙ୍କୁ ଯମାତ୍‌ର ଆବଶ୍ୟକତା ସମ୍ପର୍କୀୟ ଜ୍ଞାନ ମଧ୍ୟ ମିଳିପାରିବ ଏବଂ ଏକଥା ମଧ୍ୟ ମିଳିବ ଯେ, ସେମାନେ କିପରି ଶିକ୍ଷା ହାସଲ କରନ୍ତୁ ଯଦ୍ୱାରା ଯମାତ୍‌ର ସେବା ସୁଚାରୁ ରୁପେ କରିପାରିବେ । ପୁଣି ୱକ୍‌ଫେ ନୌ ର ସେକ୍ରେଟାରୀମାନେ ଏବଂ ଇନ୍‌ତେଜାମିୟାର ମାର୍ଗଦର୍ଶନ ନିମନ୍ତେ ଜ୍ଞାନ ଓ ରିପୋର୍ଟ ଫାର୍ମ ମଧ୍ୟ ଏଥିରେ ଉପଲବ୍ଧ ହେବ । ପୁଣି ୱକ୍‌ଫିନେ ନୌ ଙ୍କର କେତେକ ପ୍ରଶ୍ନ ଯାହାକୁ ଭିନ୍ନ ଭିନ୍ନ ସମୟରେ ମୋ କ୍ଲାସ ଗୁଡ଼ିକରେ କରିଛନ୍ତି, ସେଗୁଡ଼ିକର ଭିଡ଼ିଓ କ୍ଲିପ୍‌ସ ମଧ୍ୟ ଉପଲବ୍ଧ ମଧ୍ୟ ରହିଛି ପୁଣି ତହ୍‌ରିକ୍ ୱକ୍‌ଫେ ନୌ ର ପରିଚୟ ଏବଂ ୱକ୍‌ଫେ ନୌ ବିଭାଗ ସହିତ ସ୍ଥାୟୀ ଯୋଗାଯୋଗ ପାଇଁ ମାଲୁମାତ୍ ମଧ୍ୟ ରହିଛି । ପୁଣି ବିଭିନ୍ନ ଦେଶରେ ଥିବା ୱକ୍‌ଫେ ନୌ ପ୍ରସଙ୍ଗରେ ହୋଇଥିବା ପ୍ରୋଗ୍ରାମ ଗୁଡ଼ିକର ରିପୋର୍ଟ ଓ ଫଟୋ ଚିତ୍ର ମଧ୍ୟ ସେଥିରେ ଉପଲବ୍ଧ ହେବ । ସେ ଯାହା ହେଉ ଏହ ୱେବସାଇଟଟି ଆଜିଠାରୁ ଆରମ୍ଭ ହେବ । ଇନ୍‌ସଅଲ୍ଲାଃ ଏବଂ ଏହି ୱେବସାଇଟ୍ ମାଧ୍ୟମରେ ୱକ୍‌ଫେ ନୌ ପିଲାମାନଙ୍କର ଅଭିଭାବକମାନେ ଏହା ସାହାଯ୍ୟରେ ଉପକୃତ ହୋଇପାରିବେ ।

⌘⌘⌘⌘⌘⌘⌘⌘⌘⌘⌘


## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)



## ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛୁକ ପ୍ରାର୍ଥୀ ଧ୍ୟାନ ଦିଅନ୍ତୁ

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର ପଦବୀ ନିମନ୍ତେ ସ୍ଥାନ ଖାଲିଅଛି । ଯେଉଁ ବନ୍ଧୁ ଡ୍ରାଇଭର ଭାବେ ସେବା କରିବାକୁ ଇଛା ରଖିଛନ୍ତି ସେମାନେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନିଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା ନିକଟକୁ ପଠାଇ ପାରିବେ । ସର୍ତାବଳୀ ନିମ୍ନରେ ଦିଆଗଲା ।

୧. ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଙ୍ଗ ଲାଇସେନ୍ସ ଓ ଡ୍ରାଇଭିଙ୍ଗର ଅଭିଜ୍ଞତା ଥିବା ଜରୁରୀ ।
୨. ପ୍ରାଥୀଙ୍କ ପାଇଁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବା ଜରୁରୀ ଅଟେ ।
୩. ସେହି ପ୍ରାର୍ଥୀଙ୍କୁ ଡ୍ରାଇଭର ଭାବେ ସେବାକାର୍ଯ୍ୟ ନିମନ୍ତେ ଚୟନ କରାଯିବ ଯେଉଁମାନେ ଇଂଟରଭ୍ୟୁ ବୋର୍ଡ଼ ଦ୍ୱାରା ସଫଳ ହେବେ ।
୪. ଏବଂ ଯିଏ ନୂର ହସ୍ପିଟାଲ କାଦିଆନ୍‌ର ମେଡ଼ିକାଲ୍ ଫିଟ୍‌ନେସ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ ।
୫. ପ୍ରାର୍ଥୀଙ୍କୁ ଦ୍ୱିତୀୟଶ୍ରେଣୀ କର୍ମଚାରୀସମ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ ।
୬. ପ୍ରାର୍ଥୀ କାଦିଆନ୍ ଆସିବାର ଯାତାୟାତ ଖର୍ଚ୍ଚ ନିଜେ ବହନ କରିବେ ।
୭. ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜ ରହିବାର ବ୍ୟବସ୍ଥା ନିଜେ କରିବେ ।

ନୋଟ୍- ଦରଖାସ୍ତ ଫର୍ମ ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଠାରୁ ହାସଲ କରିନିଅନ୍ତୁ । (ନାଜର୍ ଦିୱାନ୍ କାଦିଆନ)

ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:
ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ
ଫୋନ୍: ୦୧୮୭୨-୫୦୧୧୩୦
ମୋବାଇଲ୍: ୯୮୭୭୧୩୮୩୪୭, ୯୬୪୬୩୫୧୨୮୦
ଇମେଲ୍ : diwan@qadian.in


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ସାହାବା ହଜରତ ଯଜିଦ୍ ବିନ୍ ଶାବିତ୍, ହଜରତ ମୁଅଓ୍ୱିଜ୍ ବିନ୍ ଜମୂହ୍ ଏବଂ ହଜରତ ବିଶର୍ ବିନ୍ ବରାଅ ର:ଅଙ୍କ ପବିତ୍ର ଜୀବନ ଚରିତ୍ରର ବର୍ଣ୍ଣନା ।**

**ରସୁଲ ସ:ଆ:ସଙ୍କ ଆଦର୍ଶ: ମୃତବ୍ୟକ୍ତିମାନଙ୍କୁ ସମ୍ମାନ**

**ଛୋଟାପଣ ସତ୍ୱେ ମଧ ହଜରତ ଅମ୍‌ରୋ ବିନ୍ ଜମୁହ ର:ଅଙ୍କ ଯୁଦ୍ଧରେ ସାମିଲ ହେବାର ଉତ୍ସାହ ଏବଂ ତାଙ୍କ ଶହୀଦ ହେବାର ଚର୍ଚ୍ଚା**

**ଓ୍ୱହଦ୍ ଯୁଦ୍ଧରେ ଘୁମାପଣ ଅବତୀର୍ଣ୍ଣ ହେବାର ଘଟଣା ଏବଂ ଅମନତନ୍ ନୁଆସନ୍ ର ବ୍ୟାଖ୍ୟା**

**ଜଣେ ଇହୁଦୀ ମହିଳାଙ୍କ ତରଫରୁ ରସୁଲେ କରିମ୍ ସ:ଆ:ସଙ୍କୁ ଜହରପୂର୍ଣ୍ଣ ମାଂସ ଖୁଆଇବାକୁ ଦେବା ଏବଂ ରସୁଲେ କରିମ ସ:ଆ:ସଙ୍କ ଏହି ଘଟଣା ପରେ ମଧ ଭରପୂର ଜୀବନ ବିତାଇବାର ବର୍ଣ୍ଣନା**

**ମୁକରମ୍ ନଶୀର୍ ଅହେମଦ୍ ସାହେବ ସୁପୁତ୍ର ମୁକରମ୍ ଅଲୀ ମୁହମ୍ମଦ ସାହେବ ରାଜନ୍‌ପୁରା ନିବାସୀ ଏବଂ ମୁକରମ୍ ଅତାଉଲ୍ କରିମ୍ ମୁବଶିର୍ ସାହେବ ସୁପୁତ୍ର ମିଆଁ ଅଲ୍ଲାଃଦତା ସାହେବ କିର୍‌ତୁ ଜିଲ୍ଲା ଶେଖୋପୁରା ନିବାସୀ ବର୍ତମାନ କାନାଡ଼ା ନିବାସୀଙ୍କ ଦେହାନ୍ତ**

**ମରହୁମିନ୍ (ମୃତକ)ମାନଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୯ ନଭେମ୍ବର ୨୦୧୯ ଅନୁଯାୟୀ ୨୯ ନବୁଓ୍ୱତ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜରତ ଯଜିଦ୍ ବିନ୍ ସାବିତ୍ ର:ଅ ଜଣେ ବଦ୍‌ରି ସାହାବି ଥିଲେ । ତାଙ୍କର ସମ୍ବନ୍ଧ ଅନ୍‌ସାର ଗୋଷ୍ଠି ଅନ୍ତର୍ଭୁକ୍ତ ଖଜ୍‌ରଜ୍ ସମ୍ପ୍ରଦାୟର ବନୁ ମାଲିକ ବିନ୍ ନଜ୍ଜାର ସହିତ ଥିଲା । ହଜରତ ଯଜିଦ୍ ର:ଅଙ୍କ ବାପାଙ୍କ ନାମ ସାବିତ୍ ବିନ୍ ଜହାକ୍ ଥିଲା ଓ ମାଆଙ୍କ ନାମ ନଓ୍ୱାର୍ ବିନ୍ତ ମାଲିକ୍ ଥିଲା । ହଜରତ ଯଜିଦ୍ ହଜ୍‌ରଜ୍ ଜୈଦ୍ ବିନ୍ ସାବିତ ର:ଅଙ୍କ ବଡ଼ ଭାଇ ଥିଲେ । *(ଉସ୍‌ଦୁଲ୍ ଗାବାଃ ଫି ମାରେଫତିଲ୍ ସାହାବାଃ ଖଣ୍ଡ-୨ ପୃ-୧୩୭ "ଜୈଦ୍ ବିନ୍ ସାବିତ୍" ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ଲେବ୍‌ନାନ୍ ୨୦୦୮) (ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୬୭୭..... ୨୦୦୮)* ।

ହଜରତ ଯଜିଦ୍ ବିନ୍ ସାବିତ୍ ଦୁବୟାଃ ବିନ୍‌ତ୍ ସାବିତ୍‌ଙ୍କୁ ବିବାହ କରିଥିଲେ । *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୨୫୪ "ସାବିତ୍ ବିନ୍ ଖାଲିଦ୍' ଦାରେ ଅହ୍‌ୟାଅତ୍ ତୁରାସୁଲ୍ ଅରବି ବେରୁତ ୧୯୯୬)*

ତାଙ୍କ ସମ୍ବନ୍ଧରେ ଏହା ମଧ ଆସୁଛି ଯେ ହଜରତ ଯଜିଦ୍ ବିନ୍ ସାବିତ ର:ଅ ବଦର ଯୁଦ୍ଧ ଏବଂ ଉହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ହଜରତ ଯଜିଦ୍ ବିନ ସାବିତ୍ ର:ଅ ୧୨ ହିଜ୍‌ରୀରେ ହଜରତ ଅବୁବକର୍ ର:ଅଙ୍କ ଖିଲାଫତ୍ ସମୟରେ ଯମାମା ଯୁଦ୍ଧ ଦିନ ଶହିଦ୍ ହୋଇଥିଲେ । ଆଉ ଏକ ରିଓ୍ୱାୟତ ମୁତାବକ ଯମାମା ଯୁଦ୍ଧ ଦିନ ତାଙ୍କୁ ଏକ ତୀର ବାଜିଥିଲା ତେଣୁ ଫେରିବା ସମୟରେ ରାସ୍ତାରେ ତାଙ୍କର ଦେହାନ୍ତ ହୋଇଥିଲା । *(ଅଲ୍‌ଇସ୍‌ତିୟାବ ଫି ମାରେଫତିଲ୍ ଅସ୍‌ହାବ୍ ଖଣ୍ଡ-୪, ପୃ-୧୩୨ "ଯଜିଦ୍ ବିନ୍ ସାବତ୍" ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ଲେବ୍‌ନାନ୍ ୨୦୦୨) (କିତାବୁଲ୍ ସକାତ୍ ଲେ ଇବ୍‌ନେ ହବାନ୍ ଖଣ୍ଡ-୧, ପୃ-୪୬୮, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୮)*

ହଜରତ ଯଜିଦ୍ ବିନ୍ ସାବିତ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଏକଦା ସେ ସାହାବଙ୍କ ମେଳରେ ହଜୁର୍ ସ:ଆ:ସଙ୍କ ନିକଟରେ ବସିଥିଲେ । ଏହି ସମୟରେ ଆମ ସାମନାରେ ଏକ ଯନାଜାଃ ଅତିକ୍ରମ କଲା, ତାହା ଦେଖି ହଜୁର୍ ସ:ଆ:ସ ସମ୍ମାନ ପୂର୍ବକ ଅବିଳମ୍ବେ ଛିଡ଼ା ହୋଇଗଲେ । ଆପଣ ସ:ଆ:ସଙ୍କୁ ଦେଖି ସାହାବମାନେ ମଧ ଯଥାଶିଘ୍ର ଛିଡ଼ା ହୋଇପଡ଼ିଲେ ଏବଂ ଯନାଜାଃଟି ସେଠାରୁ ଅତିକ୍ରମ କରିବା ପର୍ଯ୍ୟନ୍ତ ସମସ୍ତେ ସେଠାରେ ଛିଡ଼ା ହୋଇ ରହିଲେ । *(ସୁନନେ ନାସଇ କିତାବୁଲ୍ ଯନାଇଜ୍...... ହଦିସ୍ ୧୯୨୦)*

ଏହି ଘଟଣାଟି ଆଉ ଏକ ରିଓ୍ୱାୟତରେ ବିସ୍ତୃତ ଭାବେ ଏପରି ବର୍ଣ୍ଣନା କରାଯାଇଅଛି ।

ହଜରତ ଯଜିଦ୍ ବିନ୍ ସାବିତ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ସେ ନବି କରିମ୍ ସ:ଆ:ସଙ୍କ ନିକଟରେ ସାହାବାମାନଙ୍କ ମେଳରେ ବସିଥିଲେ ଯେ ଗୋଟିଏ ଯନାଜାଃ ଉପସ୍ଥିତ ହେଲା । ଯେବେ ରସୁଲୁଲ୍ଲାଃ ସ:ଆ:ସ ତାହା ଦେଖିଲେ, ଯଥାଶିଘ୍ର ଛିଡ଼ା ହୋଇପଡ଼ିଲେ ଏବଂ ଆପଣ ସ:ଆ:ସଙ୍କ ସାହାବାମାନେ ମଧ ଅବିଳମ୍ବେ ଛିଡ଼ା ହୋଇଗଲେ ଏବଂ ସେ ପର୍ଯ୍ୟନ୍ତ ଛିଡ଼ା ହୋଇରହିଲେ ଯେ ପର୍ଯ୍ୟନ୍ତ ଯନାଜାଃ ଚାଲି ନ ଗଲା । ହଜ୍‌ରତ ଯଜିଦ୍ ର:ଅ କହୁଛନ୍ତି ଯେ ଅଲ୍ଲାଃଙ୍କ ରାଣ ! ମୁଁ ଭାବୁଛି ଯେ ଆପଣ ସ:ଆ:ସ କୌଣସି କଷ୍ଟ ବା (ବସିଥିବା ସ୍ଥାନରେ) କୌଣସି ସ୍ଥାନର ଅସୁବିଧା ହେବା ଯୋଗୁଁ ଛିଡ଼ା ହୋଇନାହାନ୍ତି । ମୋ ଖିଆଲରେ ସେହି ଯନାଜାଃ କୌଣସି ଜଣେ ଇହୁଦୀ ପୁରୁଷ ବା ମହିଳାଙ୍କର ଥିଲା ଏବଂ ଆମେ ଆପଣ ସ:ଆ:ସଙ୍କ ଛିଡ଼ା ହେବାର କାରଣ ବିଷୟରେ ମଧ ପଚାରି ବୁଝିନଥିଲୁ । *(ଅଲ୍‌ମୁସ୍‌ନିଫ୍ ଲେ ଇବ୍‌ନେ ବି ଶୈବାଃ ମୁତରଜମ୍ ଖଣ୍ଡ-୩, ପୃ-୭୩୨ କିତାବୁଲ୍ ଯନାଇଜ୍...... ହଦିସ୍ ୧୨୦୩୦, ମକ୍‌ତବାଃ ରହ୍‌ମାନିୟା ଲାହୋର୍)*

ପୁଣି ହଜରତ ଯଜିଦ୍ ବିନ୍ ସାବିତ୍ ର:ଅଙ୍କଠାରୁ ଆଉ ଏକ ରିଓ୍ୱାୟତ ବର୍ଣ୍ଣିତ ଅଛି ଯେ ସେମାନେ ଏକଦା ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ବାହାରିଲେ । ଏହା ସୁନନେ ନସାଇରେ ଉଲ୍ଲେଖ ଅଛି । ହଜ୍‌ରତ୍ ଯଜିଦ୍ ବିନ୍ ସାବିତ୍ ର:ଅ କହୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ବାହାରିଲେ । ସେ ଗୋଟିଏ ନୂଆ କବର୍ ଦେଖିଲେ (ଏହା ଆଉ ଗୋଟିଏ ଘଟଣା) ସେ କହୁଛନ୍ତି ଯେ ଆପଣ ସ:ଆ:ସ ଗୋଟିଏ ନୂଆ କବର୍‌କୁ ଦେଖି ପଚାରିଲେ ଏହା କଣ ? ଲୋକମାନେ କହିଲେ ଯେ ଏହା ଅମୁକ କବିଲାର ଜଣେ ଯୁବତୀ (ସେବିକା)ଙ୍କ କବର, ଏହା ଶୁଣି ରସୁଲୁଲ୍ଲାଃ ତାଙ୍କୁ ଚିହ୍ନି ନେଲେ । ସାହାବୀମାନେ କହିଲେ ଯେ ଦ୍ୱିପ୍ରହର ସମୟରେ ମୃତ୍ୟୁ ବରଣ କରିଛନ୍ତି ଏବଂ ଆପଣ ସେତେବେଳେ ଆରାମ କରୁଥିଲେ । ଆମେ ସେଥି ପାଇଁ ଆପଣଙ୍କୁ ଉଠାଇବାକୁ ପସନ୍ଦ କଲୁ ନାହିଁ । ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ ଛିଡ଼ା ହେଲେ ଓ ନିଜ ପଛରେ ଲୋକମାନଙ୍କୁ ଧାଡ଼ିରେ ଛିଡ଼ା କରାଇଲେ । ତା'ପରେ ସେଠାରେ ଚାରିଥର ତକ୍‌ବୀର୍ କଲେ ଅର୍ଥାତ ସେହି କବର ନିକଟରେ ସଫ୍ (ଧାଡ଼ି) ତିଆରି କରି ଯନାଜାଃ ପଢ଼ାଇଲେ । ପୁଣି କହିଲେ ଯେ ପର୍ଯ୍ୟନ୍ତ ମୁଁ ତୁମମାନଙ୍କ ଗହଣରେ ରହିଛି, ଯିଏ ମଧ ତୁମ ମାନଙ୍କ ମଧ୍ୟରୁ ମୃତ୍ୟୁବରଣ କରେ, ତା'ର ଖବର ମତେ ନିଶ୍ଚିତ ରୂପେ ଦିଅ କାରଣ ମୋ ଦୂଆ ତା' ପାଇଁ ରହମତ୍ ଅଟେ ଅର୍ଥାତ କରୁଣା । *(ସୁନନେ ନାସଇ କିତାବୁଲ୍ ଯନାଏଜ୍ ବାଦ୍ ସଲାତୁ ଅଲଲ୍ କବର୍‌ର ହଦିସ ୨୦୨୨)*

ସେହିପରି ଏହି ରିଓ୍ୱାୟତ ମୁସ୍‌ଲିମ୍ ସୁନନେ ଅବୁଦାଉଦ୍ ଓ ଇବ୍‌ନେ ମାଯାଃରେ ମଧ ରହିଛି । ଇବ୍‌ନେ ମାଜାଃ ରେ ଏହିପରି ବ୍ୟାଖ୍ୟା କରାଯାଇ ବର୍ଣ୍ଣିତ ରିହଛି ଯେ ହଜରତ ଯଜିଦ୍ ବିନ୍ ସାବିତ୍ ର:ଅ ଜଏଦ୍‌ଙ୍କଠାରୁ ବଡ଼ ଥିଲେ, ସେ କହୁଛନ୍ତ ଆମେ ନବୀ କରିମ୍ ସ:ଆ:ସଙ୍କ ସହିତ ବାହାରିଲୁ, ଯେତେବେଳେ ଆପଣ ଜନ୍ନତଲ୍ ବକିଇଠାରେ ପହଂଚିଲେ, ସେଠାରେ ଗୋଟିଏ ନୂଆ କବର ଦେଖିବାକୁ ପାଇଲେ । ଆପଣ ସ:ଆ:ସ ତା' ବିଷୟରେ ପଚାରି ବୁଝିଲେ । ସେମାନେ କହିଲେ ଏହା ଅମୁକ ମହିଳାଙ୍କ କବର । ରାଓ୍ୱି କହୁଛନ୍ତି ଯେ ଆପଣ ସ:ଆ:ସ ତାଙ୍କୁ ଅର୍ଥାତ ସେହି ମହିଳାଙ୍କୁ ଚିହ୍ନିନେଲେ । କହିଲେ ତୁମେମାନେ ମତେ ଏ ବିଷୟରେ ଖବର ଦେଲନାହିଁ କାହିଁକି । ସେମାନେ କହିଲେ ଆପଣ ଦ୍ୱିପ୍ରହର ସମୟରେ ଆରାମ୍ କରୁଥିଲେ । ଆପଣ ରୋଜା ମଧ ରଖିଥିଲେ ତେଣୁ ଆମେ ଆପଣଙ୍କୁ କଷ୍ଟ ଦେବାପାଇଁ ପସନ୍ଦ କଲୁନାହୁଁ ।

ଏହାଶୁଣି ଆପଣ ସ:ଆ:ସ କହିଲେ ଏପରି କାର୍ଯ୍ୟ କରନାହିଁ ଯାହା ମୁଁ ଜାଣିନାହିଁ । ଅର୍ଥାତ ମୁଁ ତ କେବେ ଏପରି କହିନାହିଁ । ତୁମମଧ୍ୟରୁ ଯେ କେହି ମଧ୍ୟ ମୃତ୍ୟୁ ବରଣ କରୁ ଯେ ପର୍ଯ୍ୟନ୍ତ ମୁଁ ତମୁ ମଧ୍ୟରେ ରହିଛି ମତେ ଏ ବିଷୟରେ ଜରୁର ଏତେଲା ଦେବ କାରଣ ତା ସପକ୍ଷରେ ମୋ ଦୁଆ ତା ପାଇଁ କରୁଣାର କାରଣ ହେବ । ତା'ପରେ ପୁଣି ଆପଣ ସ:ଆ:ସ ସେହି କବର୍ ନିକଟକୁ ଗଲେ ଓ ଆମେମାନେ ମଧ୍ୟ ଆପଣଙ୍କ ପଛରେ ସଫ୍ (ଧାଡ଼ି) ବାନ୍ଧିଲୁ । ଆପଣ ସ:ଆ:ସ ତା' ଉପରେ ଚାରିଥର ତକ୍‌ବୀର ପଢ଼ିଲେ ।

*(ସୁନନେ ଇବ୍‌ନେ ମାଜାଃ........ ହଦିସ୍ ନଂ- ୧୫୨୮)*

ସହି ବୁଖାରୀରେ ଗୋଟିଏ ରିଓ୍ୱାୟତ ଅଛି ଯାହା ହଜରତ ଅବୁ ହୁରୈସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ଜଣେ ଶ୍ୟାମଳବର୍ଣ୍ଣର ମହିଳା ସମ୍ବନ୍ଧରେ ଏହା ବର୍ଣ୍ଣିତ ଅଛି । ଏହି କବ୍‌ରରେ ଯନାଜାଃ ପଢ଼ିବା ସମ୍ବନ୍ଧରେ ରହିଛି । ଯେଉଁଥିରେ ଏହା ବର୍ଣ୍ଣନା କରାଯାଇଛି ଯେ ସେ ମସଜିଦ୍ ନବଓ୍ୱିରେ ଝାଡୁ ଲଗାଉଥିଲେ । ଅର୍ଥାତ ଯେଉଁ ମହିଳା ଜଣଙ୍କ ମସ୍‌ଜିଦ୍ ନବଓ୍ୱି ରେ ଝାଡୁ ଲଗାଉଥିଲେ ସେ ମରିଯାଇଛନ୍ତି । ନବି କରିମ୍ ସ:ଆ:ସ ଯେତେବେଳେ ତାଙ୍କୁ କିଛି ଦିନ ନ ଦେଖିଲେ । ସେତେବେଳେ ଉକ୍ତ ମହିଳାଙ୍କ ସମ୍ବନ୍ଧରେ ପଚାରି ବୁଝିଲେ ଲୋକମାନେ କହିଲେ ତା' ର ଦେହାନ୍ତ ହୋଇଗଲାଣି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ତା ହେଲେ କଣ ତୁମେ ମତେ ଏ ବିଷୟରେ ଖବର ଦେବାର ନଥିଲା । ସେହି ମହିଳାଙ୍କ କବର କେଉଁଠାରେ ଅଛି ବତାଅ ସୁତରାଂ ଆପଣ ସ:ଆ:ସ ସେହି କବର୍ ନିକଟକୁ ଗଲେ ଓ ତାଙ୍କର ନମାଜ୍ ଯନାଜାଃ ପଢ଼ିଲେ । *(ସହି ବୁଖାରୀ କିତାବୁସ୍ ସଲାତ୍..... ହଦିସ୍ ୪୫୮) (ସହି ବୁଖାରୀ କିତାବୁସ୍ ସଲାତ୍ ହଦିସ୍ ୪୬୦)*

ସୁନନେ ଇବ୍‌ନେ ମାଯାଃରେ ଶରହା ଇନ୍‌ଯାଜୁଲ୍ ହାଜାଃର ଲେଖକ ଲେଖୁଛନ୍ତି ଯେ ସେ ଜଣେ ଶ୍ୟାମଳ ବର୍ଣ୍ଣ (କଳା ଚେହେରା) ମହିଳା ଥିଲେ, ଯାହାଙ୍କ ନାମ ଇମାମ୍ ବେହ୍‌କି ଉମ୍ମେ ମିହ୍‌ଜନ୍ ଥିଲା ବୋଲି ବର୍ଣ୍ଣନା କରିଛନ୍ତି । ଇବ୍‌ନେ ମନ୍‌ଦାଃ ତାଙ୍କ ନାମ ଖର୍‌କାଆ ଥିଲା ବୋଲି ବର୍ଣ୍ଣନା କରିଛନ୍ତି ଏବଂ ତାଙ୍କୁ ସାହାବିୟାତ୍ (ଅର୍ଥାତ ଆଁ ହଜରତ ସ:ଆ:ସଙ୍କ ଉପରେ ଇମାନ୍ ଆଣିଥିବା ମହିଳା ମୁସଲମାନ) ମାନଙ୍କ ମଧ୍ୟରେ ଗଣନା କରିଛନ୍ତି । ସମ୍ଭବତଃ ସେହି ମହିଳାଙ୍କ ନାମ ଖର୍‌କାଆ ହୋଇଥିବ ଓ ଉମ୍ମେ ମିହଜନ୍ ତାଙ୍କର କୁନିୟତ ହୋଇଥିବ । ଅର୍ଥାତ ଦୁଇଟି ଯାକ ନାମ ସଠିକ ।

*(ଇନ୍‌ଜାରୁଲ୍ ହାଜାଃ ଶରହ୍ ସୁନନେ ଇବ୍‌ନେ ମାଯାଃ ଖଣ୍ଡ-୪, ପୃ-୩୩୨, କିତାବୁଲ୍ ଯନାଇଜ୍....... ହଦିସ୍ ୧୫୨୭, ଦାରୁଲ୍ ନୂର୍........ ୨୦୧୧)*

ଏବେ ଯେଉଁ ସାହାବିଙ୍କ ସମ୍ବନ୍ଧରେ ବର୍ଣ୍ଣନା କରାଯାଉଛି ସେ ହେଉଛନ୍ତି ହଜରତ ମୁଅଓ୍ୱିଜ୍ ବିନ୍ ଅମ୍‌ରୋ ବିନ୍ ଜମୁହ୍ ର:ଅ । ହଜରତ ମୁଅଓ୍ୱିଜ୍ ର:ଅଙ୍କ ସମ୍ବନ୍ଧ ଅନ୍‌ସାରଙ୍କ କବିଲା ଖଜ୍‌ରଜ୍‌ର ବନୁ ଯୁଶମ୍ ବଂଶ ସହିତ ଥିଲା । *(ସିରତୁନ ନବଓ୍ୱିଆ ଲେ ଇବ୍‌ନେ ହୁଶାମ୍ ପୃ-୪୭୦...... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୧)*

ହଜରତ ମୁଅଓ୍ୱିଜ୍ ର:ଅଙ୍କ ବାପାଙ୍କ ନାମ ଅମ୍‌ରୋ ବିନ୍ ଜମୁହ୍ ଥିଲା ଏବଂ ତାଙ୍କ ମାଆଙ୍କ ନାମ ହିନ୍ଦ ବିନ୍‌ତେ ଅମ୍‌ରୋ ଥିଲା । ହଜରତ ମୁଅଓ୍ୱିଜ୍ ର:ଅ ନିଜର ଦୁଇଜଣ ଭାଇ ହଜରତ ମୁଆଜ୍ ର:ଅ ଏବଂ ହଜରତ ଖଲ୍ଲାଦ୍ ର:ଅଙ୍କ ସହିତ ବଦର ଯୁଦ୍ଧରେ ସାମିଲ ହୋଇଥିଲେ । ଏତଦ୍ ବ୍ୟତିତ ସେ ଓ୍ୱହଦ୍ ଯୁଦ୍ଧରେ ମଧ୍ୟ ସାମିଲ ହୋଇଥିଲେ । *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୪୨୬ ରୁ ୪୨୭..... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ଲେବ୍‌ନାନ୍ ୨୦୧୨) ।*

ହଜରତ ମୁଅଓ୍ୱିଜ୍ ର:ଅଙ୍କ ବାପା ହେଉଛନ୍ତି ସେହି ଅମ୍‌ରୋ ବିନ୍ ଜମୁହ୍ ଯାହାଙ୍କୁ ତାଙ୍କ ପୁଅମାନେ ତାଙ୍କର ଛୋଟାପଣ ଯୋଗୁଁ ଅର୍ଥାତ ତାଙ୍କ ଗୋଡ଼ରେ କିଛି କଷ୍ଟ ଥିବା ଯୋଗୁଁ ବଦର ଯୁଦ୍ଧରେ ଯୋଗଦେବା ପାଇଁ ଦେଇନଥିଲେ । ଏ ବାବଦରେ ମୁଁ ପୂର୍ବରୁ ଥରେ ଗୋଟିଏ ଖୁତ୍‌ବା ରେ ବର୍ଣ୍ଣନା କରିସାରିଛି । ସଂକ୍ଷିପ୍ତରେ ଏଠାରେ କିଛି କହିଦେଉଛି ଯେ, ଯେତେବେଳେ ଓ୍ୱହଦ୍ ଯୁଦ୍ଧର ସମୟ ଆସିଲା ସେତେବେଳେ ହଜରତ ଅମ୍‌ରୋ ବିନ୍ ଜମୁହ୍ ର:ଅ ତାଙ୍କ ପୁଅମାନଙ୍କୁ କହିଲେ ଯେ, ତୁମେମାନେ ମତେ ବଦର ଯୁଦ୍ଧରେ ସାମିଲ ହେବାପାଇଁ ଯିବାକୁ ଦେଇନଥିଲ । କିନ୍ତୁ ଏବେ ମୁଁ ନିଶ୍ଚିତ ରୂପେ ଯିବି । ଓ୍ୱହଦ୍ ଯୁଦ୍ଧରେ ସାମିଲ ହେବାପାଇଁ ତୁମେମାନେ ମତେ ରୋକିପାରିବ ନାହିଁ । ତାଙ୍କ ପିଲାମାନେ ତାଙ୍କୁ ବହୁତ ବୁଝାଇଲେ ଯେ ତୁମର ଗୋଡ଼ ଖରାପ ତେଣୁ ତୁମପାଇଁ ଯୁଦ୍ଧରେ ସାମିଲ ହେବା କୌଣସି ଜରୁରୀ ନୁହେଁ କିନ୍ତୁ ହଜରତ ଅମ୍‌ରୋ ବିନ୍ ଜମୁହ୍ ର:ଅ ମାନିଲେ ନାହିଁ । ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୋ ପିଲାମାନେ ମତେ ମୋ ଗୋଡ଼ ଖରାପ ଥିବା ଯୋଗୁଁ ଯୁଦ୍ଧକୁ ଯିବାକୁ ଦେଉନାହାନ୍ତି କିନ୍ତୁ ମୁଁ ଆପଣଙ୍କ ସହିତ ଯିହାଦ୍‌ରେ ସାମିଲ ହେବାପାଇଁ ଚାହୁଁଛି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ମଧ୍ୟ ଏହା କହିଲେ ଯେ, ତୁମପାଇଁ ତ ଅଲ୍ଲାଃ ତାଲା ତୁମର ଅବସ୍ଥା ଯୋଗୁଁ ତୁମର ଯିହାଦ୍ କରିବାକୁ ଜରୁରୀ ମଣିନାହାନ୍ତି କିନ୍ତୁ ପୁଣି ମଧ୍ୟ ରସୁଲୁଲ୍ଲାଃ ସ:ଆ:ସ ତାଙ୍କର ଦୃଢ଼ମନୋବଳ ଦେଖି ଅନୁମତି ପ୍ରଦାନ କରିଦେଲେ । ହଜରତ ଅମ୍‌ରୋ ବିନ୍ ଜମୁହ୍ ର:ଅ ନିଜର ଯୁଦ୍ଧ ସାମଗ୍ରୀକୁ ସାଥିରେ ଧରି ଏହା କହି ଚାଲିଗଲେ ଯେ, ହେ ଅଲ୍ଲାଃ ! ମତେ ସାହାଦତ୍ ପ୍ରଦାନ କର ଅର୍ଥାତ ମତେ ଶହୀଦ କରିଦିଅ ଏବଂ ମତେ ଅସଫଳ କରାଇ ମୋ ଘର ଲୋକଙ୍କ ନିକଟକୁ କଦାପି ଫେରାଇ ଆଣ ନାହିଁ । ପୁଣି ବାସ୍ତବରେ ତାଙ୍କର ଏହି ମନସ୍କାମନା ପୂରଣ ହେଲା ଓ ସେ ଓ୍ୱହଦ୍ ଯୁଦ୍ଧର ରଣଭୂମିରେ ହିଁ ଶହୀଦ ହେଲେ । ତାଙ୍କ ଶହୀଦ ହେବାପରେ ତାଙ୍କ ସ୍ତ୍ରୀ ହଜରତ ହିନ୍ଦ୍ ତାଙ୍କୁ ଏବଂ ତାଙ୍କ ଭାଇ ଅବଦୁଲ୍ଲାଃ ବିନ୍ ଅମ୍‌ରୋଙ୍କୁ ମଧ୍ୟ ଗୋଟିଏ ବାହନ ଉପରେ ରଖିଲେ ପୁଣି ସେହି ଦୁଇଜଣଯାକଙ୍କୁ ନେଇ ଗୋଟିଏ କବର ମଧ୍ୟରେ ସମାଧି ଦିଆଗଲା । ରସୁଲୁଲ୍ଲାଃ ସ:ଆ:ସ କହିଲେ ମତେ ତାହାଙ୍କ ରାଣ ଯାହାଙ୍କ ଆୟତରେ ମୋ ଜିବନ ରହିଛି ଯେ, ମୁଁ ଅମ୍‌ରୋଙ୍କୁ ବୈକୁଣ୍ଠରେ ଛୋଟେଇ ଛୋଟେଇ ଚାଲୁଥିବାର ଦେଖିଛି । *(ଉସଦୁଲ୍ ଗାବାଃ ଖଣ୍ଡ-୪, ପୃ-୧୯୫-୧୯୬ "ଅମ୍‌ରୋ ବିନ୍ ଜମୁହ୍" ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୮) ।*

ପୁଣି ଆଉ ଜଣେ ସାହାବିଙ୍କ ଏଠାରେ ଚର୍ଚ୍ଚା କରାଯିବ ଯାହାଙ୍କ ନାମ ହେଉଛି ହଜରତ ବିଶର୍ ବିନ୍ ବରାଅ୍ ବିନ୍ ମାଉର୍ ର:ଅ । ହଜରତ ବିଶର୍‌ଙ୍କ ସମ୍ବନ୍ଧ ଅନ୍‌ସାରଙ୍କ କବିଲା ଖଜ୍‌ରଜ୍ ବଂଶର ବନୁ ଉବୈଦ୍ ବିନ୍ ଅଦି ସହିତ ଥିଲା ଏବଂ ଆଉ ଗୋଟିଏ କଥନ ମୁତାବକ ସେ ବନୁ ସଲ୍‌ମା ର ଥିଲେ । *(ସିରତୁଲ୍ ନବଓ୍ୱିୟା ଲେ ଇବ୍‌ନେ ହୁଶାମ୍ ପୃ-୪୭୧...... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୧) (ଉସ୍‌ଦୁଲ୍ ଗାବାଃ ଫି ମାରେଫତିସ୍ ସାହାବା ଲେ ଇବ୍‌ନେ ଅସିର୍ ଖଣ୍ଡ-୧, ପୃ-୩୮୦........ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୮)*

ଦୁଇଟି ଭିନ୍ନ ଭିନ୍ନ ରିଓ୍ୱାୟତ ଏଠାରେ ବର୍ଣ୍ଣନା କରାଯାଇଛି ।

ହଜରତ ବିଶର୍ ର:ଅଙ୍କ ବାପାଙ୍କ ନାମ ହଜରତ ବରାଅ୍ ବିନ୍ ମାଉର୍  ଏବଂ ମାଆଙ୍କ ନାମ ଖୁଲୈଦା ବିନ୍‌ତେ କୈସ୍ ଥିଲା । *(ତବକାତୁଲ୍ କୁବରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩,ପୃ-୨୯୧...... ଦାରୁଲ୍ ଅହ୍‌ୟା...... ୧୯୯୬)*

ହଜରତ ବିଶର୍ ର:ଅଙ୍କ ବାପା ହଜରତ ବରାଅ୍ ବିନ୍ ମାଉର୍ ର:ଅ ସେହି ୧୨ଜଣ ନକିବ୍ ମାନଙ୍କ ମଧ୍ୟରେ ଥିଲେ ଯେଉଁମାନଙ୍କୁ ନିୟୋଜିତ କରାଯାଇଥିଲା ଓ ସେ ବନୁ ସଲ୍‌ମା କବିଲାର ନକିବ ଥିଲେ । ହଜରତ ବରାଅ୍ ର:ଅ ହିଜ୍‌ରତ୍ କରିବାର ଏକମାସ ପୂର୍ବରୁ ହିଁ ଯାତ୍ରା କରିବା ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ହିଜ୍‌ରତ୍ କରି ମଦିନାରେ ପଦାର୍ପଣ କଲେ ଆପଣ ସ:ଆ:ସ ତାଙ୍କ କବର୍ ଠାରେ ପହଂଚି ଚାରିଗୋଟି ତକ୍‌ବିର୍ ପଢ଼ିଲେ । *(ଉସ୍‌ଦୁଲ୍ ଗାବାଃ ଫି ମାରେଫତିସ୍ ସାହାବା ଲେ ଇବ୍‌ନେ ଅସିର ଖଣ୍ଡ-୧,ପୃ-୩୬୫-୩୬୬..... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୮) ।*

ହଜରତ ବିଶର୍ ର:ଅ ନିଜ ବାପାଙ୍କ ସହିତ ବୟତେ ଉକ୍‌ବା ସାନିଆ ଠରେ ସାମିଲ ହୋଇଥିଲେ । ଏବଂ ହଜରତ ବିଶର୍ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ପ୍ରବୀଣ ତୀରଚାଳକ ସାହାବିମାନଙ୍କ ମଧ୍ୟରେ ଜଣେ ଥିଲେ । ରସୁଲୁଲ୍ଲାଃ ସ:ଆ:ସ ହଜରତ ବିଶର୍ ର:ଅ ଏବଂ ହଜରତ ଓ୍ୱାକିଦ୍ ବିନ୍ ଅବଦୁଲ୍ଲାଃ ର:ଅ ଯିଏ ମକ୍କାରୁ ମଦିନା ଆଡ଼କୁ ହିଜ୍‌ରତ୍ କରିଥିଲେ । ତାଙ୍କ ମଧ୍ୟରେ ଭାତୃବନ୍ଧନ ସ୍ଥାପନ କରିଥିଲେ । ହଜରତ ବିଶର୍ ର:ଅ ବଦର୍, ଓ୍ୱହଦ୍, ଖନ୍ଦକ, ହୁଦବିୟା ଏବଂ ଖୈବର୍ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ । *(ଅଲ୍ ଅସାବା ଫି ତମିଜିଜ୍ ସାହାବା ଖଣ୍ଡ-୧, ପୃ-୪୨୬...... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୫) (ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୨୯୧ ..... ଦାରୁଲ୍ ଅହ୍‌ୟା ୧୯୯୬) ।*

ଅବଦୁର୍ ରହମାନ୍ ବିନ୍ ଅବଦୁଲ୍ଲାଃ ର:ଅ ରିଓ୍ୱାୟତ କରୁଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ, ହେ ବନୁ ନଜଲାଃ ! (କିଛି ରିଓ୍ୱାୟତରେ ବନୁ ସଲ୍‌ମା ମଧ୍ୟ ଲେଖାଯାଇଛି) ଯେ ତୁମର ସର୍ଦ୍ଦାର କିଏ ? ଏଥିରେ ସେମାନେ କହିଲେ ଜଦ୍ଦିବିନ୍ କୈସ୍ । ଆପଣ ସ:ଆ:ସ କହିଲେ ଯେ, ତାଙ୍କୁ କେଉଁଥିପାଇଁ ସର୍ଦ୍ଦାର ରୂପେ ମାନୁଛ ? ସେମାନେ କହିଲେ ଯେ, ସେ ହେଉଛନ୍ତି ଆମମାନଙ୍କ ମଧ୍ୟରୁ ସବୁଠାରୁ ଧନୀଶାଳୀ । ବଡ଼ ଲୋକ ତେଣୁ ଆମେ ତାଙ୍କୁ ନିଜର ସର୍ଦ୍ଦାର ବନାଇଛୁ କିନ୍ତୁ ତତ୍‌ସହିତ ଏହା ମଧ୍ୟ କହିଲେ ଯେ, ଆମେ କେବଳ ତାଙ୍କର କଞ୍ଜୁସ୍‌ପଣ ପାଇଁ ପସନ୍ଦ କରୁନାହୁଁ । ଆଁ ହଜରତ ସ:ଆ:ସ କହିଲେ ଯେ, କଞ୍ଜୁସ୍‌ଠାରୁ ଅଧିକ ବଡ଼ ବେମାରୀ କଣ ହୋଇପରେ ? ଏହି କୃପଣତା ତ ବହୁତ ବଡ଼ ରୋଗ ତେଣୁ ଏଥିପାଇଁ ସେ ତୁମର ସର୍ଦ୍ଦାର ହୋଇପାରିବ ନାହିଁ । ସେମାନେ ପୁଣି କହିଲେ ହେ ଅଲ୍ଲାଃ    ଙ୍କ ରସୁଲ୍ ସ:ଆ:ସ ତେବେ ପୁଣି ଆମର ସର୍ଦ୍ଦାର କିଏ ଆପଣ ହିଁ ବତାଇ ଦିଅନ୍ତୁ । ଏଥିରେ ଆଁ ହଜରତ ସ:ଆ:ସ କହିଲେ ବିଶର୍ ବିନ୍ ବରାଅ୍‌ବିନ୍ ମାଉର୍ ର:ଅ ହେଉଛନ୍ତି ତୁମର ସର୍ଦ୍ଦାର । ଆଉ ଗୋଟିଏ ରିଓ୍ୱାୟତରେ ଏପରି ଲେଖାଯାଇଅଛି ଯେ, ଆଁ ହଜରତ ସ:ଆ:ସ କହିଛନ୍ତି ତୁମର ସର୍ଦ୍ଦାର ହେଉଛନ୍ତି ଏହି ଗୌରବର୍ଣ୍ଣ କୁଚଂକୁଚିଂଆ କେଶ ଥିବା ବ୍ୟକ୍ତି ବିଶର୍ ବିନ୍ ବରାଅ ବିନ୍ ମାଉର୍ ର:ଅ । *(ଅଲ୍ ଅସାବା ଫି ତମିଜିଜ୍ ସାହାବା ଖଣ୍ଡ-୧, ପୃ-୪୨୬-୪୨୭...... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୫) (ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୨୯୧ ..... ଦାରୁଲ୍ ଅହ୍‌ୟା ୧୯୯୬) ।*

ହଜରତ ବିଶର୍ ବିନ୍ ବରାଅ୍ ର:ଅ ହଜରତ କୁବୈସା ବିନ୍‌ତେ ସୈଫିଙ୍କୁ ବିବାହ କରିଥିଲେ ତାଙ୍କଠାରୁ ଗୋଟିଏ ଝିଅ ଜନ୍ମ ହୋଇଥିଲା ଯାହାଙ୍କ ନାମ ଆଲିଆ ଥିଲା । ହଜରତ କୁବୈସା ଇସ୍‌ଲାମ୍ ଗ୍ରହଣ କରିଲେ ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ବୟତ ମଧ୍ୟ କରିଛନ୍ତି । *(ତବକାତୁଲ୍ କୁବ୍‌ରା ଖଣ୍ଡ-୮, ପୃ-୪୫୩ ..... "କୁବୈସା ବିନ୍‌ତେ ସୈଫି" ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୬) ।*

ହଜରତ ଇବ୍‌ନେ ଅବାସ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ଇହୁଦୀ ଅଓ୍ୱସ୍ ଏବଂ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ଖଜ୍‌ରଜଙ୍କ ମୁକାବିଲାରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଆବିର୍ଭାବ ହେବା ପୂର୍ବରୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଦ୍ୱାହି ଦେଇ ବିଜୟ ପ୍ରାପ୍ତ କରିବା ନିମନ୍ତେ ଦୁଆ କରୁଥିଲେ । ସେମାନେ ଯେତେବେଳେ ଆପୋଷରେ ଯୁଦ୍ଧ କରୁଥିଲେ ସେତେବେଳେ ଏ ଦୁଆ କରୁଥିଲେ ଯେ, ଯେଉଁ ନବୀଙ୍କ ସମ୍ବନ୍ଧରେ ଭବିଷ୍ୟବାଣୀ କରାଯାଇଛି ଯେ ଏବେ ପ୍ରକଟ ହେବାପାଇଁ ଅଛନ୍ତି । ତେଣୁ ତା' ନାମରେ ହିଁ ଆମକୁ ବିଜୟ ପ୍ରଦାନ କର । ଏହି ପ୍ରାର୍ଥନା ସେ ଅଲ୍ଲାଃଙ୍କ ନିକଟରେ କରୁଥିଲେ କିନ୍ତୁ ଯେତେବେଳେ ଅଲ୍ଲାଃ ତାଲା ଆଁ ହଜରତ ସ:ଆ:ସଙ୍କୁ ଆରବୀୟଙ୍କ ମଧ୍ୟରେ ପ୍ରେରଣ କଲେ ସେତେବେଳେ ସେହି ଲୋକମାନେ ଆପଣଙ୍କୁ ଅସ୍ୱୀକାର କଲେ ଓ ଯେଉଁକଥା ସେମାନେ କହୁଥିଲେ ତାହାକୁ ଅସ୍ୱୀକାର କରିଗଲେ । ଅସ୍ୱୀକାରକାରୀମାନଙ୍କର ସର୍ବଦା ଏହି ପ୍ରକାରର ହିଁ କାର୍ଯ୍ୟ ଶୈଳୀ ରହି ଆସିଅଛି । ହଜରତ ମୁଆଜ୍ ବିନ୍ ଜବଲ୍ ର:ଅ ଏବଂ ହଜରତ ବିଶର୍ ବିନ୍ ବରାଅ ଏବଂ ଦାଉଦ ବିନ୍ ସଲମା ର:ଅ ତାଙ୍କୁ ଦିନେ କହିଲେ ଯେ, ହେ ଇହୁଦୀମାନଙ୍କର ଗୋଷ୍ଠୀ ! ଅଲ୍ଲାଃଙ୍କୁ ଭୟ କର ଓ ଇସ୍‌ଲାମକୁ ଗ୍ରହଣ କରିନିଅ । ପୂର୍ବରୁ ତ ତୁମେମାନେ ମୁହମ୍ମଦଙ୍କ ନାମ ନେଇ ଅର୍ଥାତ ତାଙ୍କର ପ୍ରକଟ ହେବାର ଦ୍ୱାହି ଦେଇ ଆମ ଉପରେ ବିଜୟ ପ୍ରାପ୍ତ କରିବା ପାଇଁ ପ୍ରାର୍ଥନା କରୁଥିଲା ଯେବେ କି ଆମେମାନେ ସେତେବେଳେ ସିର୍କ କରୁଥିଲୁ ଅର୍ଥାତ ବହୁ ଈଶ୍ୱରବାଦୀ ଥିଲୁ । ହଜରତ ବିଶର୍ ବିନ୍ ବରାଅ ର:ଅ କହିଲେ ଯେ, ଆମେ ତ ସେହି ଲୋକମାନଙ୍କ ଭିତରେ ସାମିଲ ଥିଲୁ । ଯେଉଁମାନେ ସିର୍କ କରୁଥିଲେ ଏବଂ ତୁମେମାନେ ଆମକୁ ଏକଥା ବତାଉଥିଲ ଯେ, ସେହି ନବୀ ଏବେ ପ୍ରକଟ ହେବେ । ଏବେ ସମୟ ଆସିଯାଇଛି ଯେ, ସେ ପଦାର୍ପଣ କରିବେ ଏବଂ ଆମକୁ ତାହାଙ୍କ ଲକ୍ଷଣମାନ ବତାଉଥିଲେ ଯେ, ତାଙ୍କର ନିଦର୍ଶନଗୁଡ଼ିକ ଏପରି ହେବ । ଏବେ ଯେତେବେଳେ ସେ ପ୍ରକଟ ହୋଇସାରିଲେଣି ତେବେ ବର୍ତମାନ ଏହି ନବୀଙ୍କ ଉପରେ କାହିଁକି ବିଶ୍ୱାସ ଆଣୁନାହିଁ । ଏହାର ଉତରରେ ଇହୁଦୀମାନଙ୍କ ମଧ୍ୟରୁ କବିଲା ବନୁ ନଜିର୍‌ର ସଲ୍ଲାମ୍ ବିନ୍ ମିଶ୍‌କମ୍ (ସଲ୍ଲାମ୍ ବିନ୍ ମିଶ୍‌କମ୍ ଯିଏ କବିଲା ବନୁ ନଜିର୍‌ର ସର୍ଦ୍ଦାର ଏବଂ ତାଙ୍କ ପାଣ୍ଠିଘରର ନିରୀକ୍ଷକ ମଧ୍ୟ ଥିଲେ । ସେ ଜଏନବ୍ ବିନ୍‌ତେ ହାରିସ୍‌ଙ୍କର ସ୍ୱାମୀଥିଲେ ଯିଏ ଖୈବର୍ ଯୁଦ୍ଧରେ ଆଁ ହଜରତ ସ:ଆ:ସଙ୍କୁ ମାଂସରେ ବିଷ ମିଶେଇ ଖୁଆଇବା ପାଇଁ ଦେଇଥିଲା) ସେ ଯାହା ହେଉ ସେ ବ୍ୟକ୍ତିଜଣକ କହିଲେ ଯେ, ସେହି ନବୀ ଆମ ନିକଟକୁ ତାହା ଆଣିନାହାନ୍ତି ଯାହାକୁ ଆମେ ଚିହ୍ନି ଅଛୁ ଏବଂ ନା' ତ ସେ ସେହି ନବୀ ଅଟନ୍ତି ଯାହାଙ୍କ ସମ୍ବନ୍ଧରେ ଆମେ ତୁମକୁ କହୁଥିଲୁ । ସମସ୍ତ ଲକ୍ଷଣମାନ ପୂରଣ ହୋଇଯାଇଛି ଯାହା ସେ କହୁଥିଲେ ଏହା ସତ୍ୱେ ମଧ୍ୟ ସେ କହୁଥିଲେ ନୂହେଁ ସେ ତ ତାହା କିଛି ଆଣିନାହିଁ ଯାହାକୁ ଆମେ ଚିହ୍ନୁ ଅଛୁ । ସମସ୍ତ ଲକ୍ଷଣ ଗୁଡ଼ିକ ପୂରଣ ହୋଇନାହିଁ ତେଣୁ ଆମେ ତାଙ୍କୁ ମାନିବୁ ନାହିଁ । ତା'ପରେ ଅଲ୍ଲାଃ ତାଲା ଏହି ଆୟତଟି ଅବତୀର୍ଣ୍ଣ କଲେ ଅର୍ଥାତ ***ୱଲମ୍ମା ଯାଆହୁମ୍ କିତାବୁମ୍ ମିନ୍ ଇନ୍‌ଦିଲ୍ଲାହି ମୁସଦ୍ଦିକଲ୍ ଲିମା ମାଆହୁମ୍...... ଫଲାଅନାତୁଲ୍‌ଲାହି ଅଲଲକାଫିରିନ୍*** (ବକରା: ୯୦) ଅର୍ଥାତ ଯେତେବେଳେ ସେମାନଙ୍କ ନିକଟରେ ଥିବା ଗ୍ରନ୍ଥର ସତ୍ୟତାକୁ ପ୍ରମାଣିତ କରୁଥିବା ଏକ ଗ୍ରନ୍ଥ ଅଲ୍ଲାଃ ତାଲାଙ୍କ ତରଫରୁ ତାଙ୍କ ନିକଟକୁ ଆସିଲା, ଏବଂ ଯଦିଚ ଏହା ପୂର୍ବରୁ ସେମାନେ ଅବିଶ୍ୱାସକାରୀଙ୍କ ବିରୁଦ୍ଧରେ (ଅଲ୍ଲାଃଙ୍କଠାରୁ) ବିଜୟ ଭିକ୍ଷା କରୁଥିଲେ ତଥାପି ଯେତେବେଳେ ସେହି ବିଷୟ ସେମାନଙ୍କ ନିକଟକୁ ଆସିଗଲା ସେତେବେଳେ ସେମାନେ ତାହାକୁ ଜାଣିବା ସତ୍ୱେ ଅଗ୍ରାହ୍ୟ କରିଦେଲେ; ସୁତରାଂ ଏପରି ଅବିଶ୍ୱାସକାରୀଙ୍କ ପ୍ରତି ଅଲ୍ଲାଃଙ୍କର ଅଭିଷାପ ରହିଅଛି ।

*(ସିରତୁନ୍ ନବୱିୟା ଲେ ଇବ୍‌ନେ ହୁସାମ୍ ପୃ-୩୮୧...... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୧) (ସିରତୁନ୍ ନବୱିୟା ଲେ ଇବ୍‌ନେ ହୁସାମ୍ ପୃ-୫୧୨ ଗଜୱାସୁୱିକ୍, ପୃ-୬୯୮...... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୧) (ଅର୍‌ରଉଜୁଲ୍ ଅନଫ୍ ଫିଶରାହା ସିରତୁନ୍ ନବୱିୟା ଲେ ଇବ୍‌ନେ ହୁସାମ୍ ଖଣ୍ଡ-୨ ପୃ-୩୨୫...... ମକ୍‌ତବା ଇବ୍‌ନେ ତୈମିୟା ୧୯୯୦)*

ହଜରତ ଜୁବୈର୍ ବିନ୍ ଅୱାମ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ଯେତେବେଳେ ଓହଦ୍ ଯୁଦ୍ଧର ପସା ପଲଟିଗଲା ସେତେବେଳେ ମୁଁ ନିଜକୁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ହିଁ ପାଇଲି ସେତେବେଳେ ଆମେ ସମସ୍ତେ ବହୁତ ଭୟବିତ ହୋଇଯାଇଥିଲୁ ଏବଂ ଆମ ଉପରେ ନିଦ ଅବତୀର୍ଣ୍ଣ କରାଯାଇଥିଲା ଅର୍ଥାତ ଆମର ଅବସ୍ଥା ଏପରି ହୋଇଯାଇଥିଲା ଯେ, ଆମେ ଘୁମେଇବାକୁ ଲାଗିଗଲୁ । ସୁତରାଂ ଆମମାନଙ୍କ ମଧ୍ୟରେ ଏପରି କେହି ନଥିଲେ ଯାହାଙ୍କ ଚିବୁକ ତାଙ୍କ ଛାତିରେ ନ ଲାଗିଥିବ । ଅର୍ଥାତ ନିଦ୍ରା ଓ ଘୁମାଇବା ଅବସ୍ଥରେ ମୁଣ୍ଡ ତଳକୁ ନଇଁ ପଡ଼ିଥିଲା । ସେ କହୁଛନ୍ତି ଯେ, ଅଲ୍ଲାଃଙ୍କ ରାଣ ! ମତେ ଏପରି ଲାଗୁଥିଲା ଯେମିତି ମୁଅତ୍‌ତିବ ବିନ୍ କୁଶୈର୍‌ଙ୍କ ଶବ୍ଦ ସ୍ୱପ୍ନରେ ଶୁଣାଯାଉଥିଲା ସେ କହୁଥିଲା ଯେ, ଯଦି ଆମକୁ ନଷ୍ଟତି ନେବାର ଅକ୍ତିଆର ମିଳିଥାନ୍ତା ତେବେ ଆମେ କେବେ ଏଠି ଏଭଳି ହତ୍ୟା ହୋଇନଥାନ୍ତୁ । ମୁଅତ୍‌ତିବ୍ ବିନ୍ କୁଶୈର୍ ଅନ୍‌ସାରୀ ସାହାବି ଥିଲେ ଏବଂ ବୟତେ ଉକ୍‌ବା, ବଦର ଏବଂ ଓହଦ୍ ଯୁଦ୍ଧରେ ସାମିଲ ହୋଇଥିଲେ । ମୁଁ ତାଙ୍କ କଥାଗୁଡ଼ିକୁ ମନେ ରଖିଦେଲି ଯେଉଁଭଳି ସ୍ୱପ୍ନ ଦେଖୁଥିବା ଅବସ୍ଥାରେ ତାହାକୁ ମୁଁ ଦେଖିଥିଲି । ଏ ଅବସରରେ ଅଲ୍ଲାଃ ତାଲା ଏହି ଆୟତଟିକୁ ଅବତୀର୍ଣ୍ଣ କରିଛନ୍ତି ଯେ, ***ସୁମ୍ମା ଅନ୍‌ଜଲା ଆଲୈକୁମ୍ ମିମ୍‌ବାଆଦିଲ୍ ଗମ୍ମି...... କୁଲ୍ ଇନ୍ନଲ୍‌ଅମରା କୁଲ୍ଲହୁ ଲିଲ୍ଲାହେ*** (ଆଲେ ଇମ୍‌ରାନ୍: ୧୫୫) । ଅର୍ଥାତ ତତ୍‌ପରେ ଏହି ଦୁଃଖପରେ ସେ ତୁମମାନଙ୍କ ପ୍ରତି ମାନସିକ ଶାନ୍ତି ଅର୍ଥାତ ତନ୍ଦ୍ରା ଅବତୀର୍ଣ୍ଣ କଲେ ଯାହା ତୁମମାନଙ୍କ ମଧ୍ୟରୁ ଏକ ଦଳକୁ ଅଭିଭୁତ କରୁଥିଲା ଏବଂ ଅନ୍ୟଏକ ଦଳ ନିଜ ପ୍ରାଣପାଇଁ ଚିନ୍ତିତ ଥିଲେ; ସେମାନେ ଅଲ୍ଲାଃଙ୍କ ସମ୍ବନ୍ଧରେ ଅଜ୍ଞତାପୂର୍ଣ୍ଣ କଳ୍ପନା ସଦୃଶ ମିଥ୍ୟା କଳ୍ପନା କରୁଥିଲେ; ସେମାନେ କହୁଥିଲେ, "ଏ ବ୍ୟାପାରରେ ଆମମାନଙ୍କର କିଛି କହିବାର ଅଛି କି ?" ତୁମେ କୁହ, "ସମସ୍ତ ସିଦ୍ଧାନ୍ତ ଅଲ୍ଲାଃଙ୍କର";

ହଜରତ କାଆବ୍ ବିନ୍ ଅମ୍‌ରୋ ଅନ୍‌ସାରି ର:ଅ ବର୍ଣ୍ଣନା କରୁଛନ୍ତି ଯେ, ଓହଦ ଯୁଦ୍ଧ ଦିନ ଏକଦା ମୁଁ ମୋ ନିଜ କୌମ୍‌ର ୧୪ଜଣ ଲୋକଙ୍କ ସହିତ ଆଁ ହଜରତ ସ:ଆ:ସଙ୍କ ନିକଟରେ ଥିଲୁ । ଏତିକି ବେଳେ ଆମ ଉପରେ ତନ୍ଦ୍ରା ଘାରି ଆସିଲା । ତାହା ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଥିଲା ଅର୍ଥାତ ବହୁତ ଶାନ୍ତିପ୍ରଦାନକାରି ତନ୍ଦ୍ରା ଥିଲା । ଯୁଦ୍ଧର ପରିବେଶ ଥିବା ସତ୍ୱେ ମଧ୍ୟ ଏପରି ତନ୍ଦ୍ରାର ଅବସ୍ଥା ଥିଲା ଯେ ତାହା ଆମକୁ ଶାନ୍ତିପ୍ରଦାନ କରୁଥିଲା । କୌଣସି ବ୍ୟକ୍ତି ଏପରି ନଥିଲେ ଯାହାଙ୍କ ଛାତିରୁ ଘୁଙ୍ଗୁଡ଼ିର ଶବ୍ଦ ଆସୁନଥିଲା । ହଜୁର ଅନୱର ଅ:ବ:ଅ କହୁଛନ୍ତି ବେଳେବେଳେ ଏପରି ଅବସ୍ଥା ହୋଇଯାଉଥିଲା । ସେ କହୁଛନ୍ତି ମୁଁ ସେତେବେଳେ ଦେଖିବାକୁ ପାଇଲି ଯେ, ବିଶର୍ ବିନ୍ ବରାଅ ବିନ୍ ମାଉର୍ ଙ୍କ ହାତରୁ ତରବାରୀଟି ପଡ଼ିଯାଇଛି ଓ ତାଙ୍କୁ ତରବାରୀ ପଡ଼ିଯିବାର ଅନୁଭବ ମଧ୍ୟ ହେଉନଥିଲା ଯେବେକି ମୁସ୍‌ରିକ୍‌ମାନେ ଆମ ଉପରେ ଆକ୍ରମଣ କରିଚାଲିଥିଲେ । *(ସିରତୁଲ୍ ହଲ୍‌ବିୟା ଖଣ୍ଡ-୨, ପୃ-୩୧୦...... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୨) (ଉସ୍‌ଦୁଲ୍ ଗାବାଃ ଫି ମାରେଫତିସ୍ ସାହାବା ଖଣ୍ଡ-୪, ପୃ-୪୩୨........ ଦାରୁଲ୍ ଫିକର୍ ବେରୁତ ୨୦୦୩)*

ସେ ଯାହା ହେଉ ହୋଇପାରେ କି ତାଙ୍କୁ ଏପରି ଅନୁଭବ ହେଉଥିବ ଯେ ପଡ଼ିଯାଇଛି କାରଣ ସେ ସମୟରେ ତନ୍ଦ୍ରା ଅବସ୍ଥା ଥିଲା । କିନ୍ତୁ ତାଙ୍କ ହାତରେ ଯେଉଁ ଅସ୍ତ୍ରଥିଲା ତାହା ଦୃଢ଼ତାର ସହିତ ରହୁଥିଲା, ଯେବେ ତାହା ପଡ଼ିଯାଇଥିଲା ସେତେବେଳେ ଏକ ପ୍ରକାର ଧକ୍କା ଲାଗୁଥିଲା । ସେ ଯାହାହେଉ ଏଠାରେ ନୁଆସ ଶବ୍ଦ ବ୍ୟବହାର ହୋଇଛି । ତାହାର ବ୍ୟାଖ୍ୟା ହଜରତ ଖଲିଫତୁଲ୍ ମସିହ ରାବେ ରହେମୁଲ୍ଲାଃ ବହୁତ ବିସ୍ତୃତ ଆକାରରେ ଗୋଟିଏ ଦରସ୍‌ରେ କହିଛନ୍ତି ଯେ:-

ଅମନତନ୍ ନୁଆସନ୍‌ର ବିଭିନ୍ନ ପାର୍ଶ୍ୱରୁ ଅର୍ଥ କରାଯାଇଅଛି ତାହା ସବୁର ସାରାଂସରେ ଏ ଅର୍ଥ ହେବ ଯେ ଦୁଃଖ ପରେ ତୁମମାନଙ୍କ ଉପରେ ଏପରି ଶାନ୍ତି ପ୍ରଦାନ କଲେ ଯାହାକୁ ନିଦ୍ରା କୁହାଯାଇପାରେ ବା ଏପରି ତନ୍ଦ୍ରା (ଘୁମାଇବା) ପ୍ରଦାନ କଲେ ଯାହା ଶାନ୍ତି ପ୍ରଦାନକାରୀ ଥିଲା ବା ସେ ଏପରି ଶାନ୍ତି ଦେଲେ ଯାହା ନିଦର ପ୍ରଭାବ ପକାଉଥିଲା ବା ତାହା ନିଦ୍ରାରେ ସାମିଲ ଥିଲା ।

ଏହି ଅମନତନ୍ ନୁଆସନ୍‌ର ଏହା ହେଉଛି ଅର୍ଥ । ସାମୟିକ ଭାବେ ଘୁମାଇବାଦ୍ୱାରା ବେଳେବେଳେ ମୁଣ୍ଡ ତଳକୁ ଝାଙ୍କି ହୋଇଯାଏ କିନ୍ତୁ ଏଠାରେ ନୁଆସର ଅର୍ଥ ଏ ପ୍ରକାରର ଘୁମାଇବା ନୁହେଁ ବରଂ ଏପରି ପରିସ୍ଥିତି ହୋଇଥାଏ ଯେମିତି ଜାଗ୍ରତ ଅବସ୍ଥା ଓ ନିଦ୍ରା ଯିବା ଅବସ୍ଥାର ମଝାମଝିର ଅବସ୍ଥା ହୋଇଥାଏ । ସୋଇଥିବା ସମୟରେ ନିଦ୍ରାଯିବା ପୂର୍ବରୁ ମଝିରେ ଏପରି ଏକ ସମୟ ଆସିଥାଏ ଯେତେବେଳେ ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗଙ୍କୁ ଏକ ପ୍ରକାର ଆରାମ୍ ମିଳିଯାଏ ଏବଂ ବାସ୍ତବିକ ତାହା ହିଁ ପ୍ରକୃତ ଆରାମ୍ ଓ ସେହି ଆରାମ୍ ଅନବରତ ଜାରି ରହିଲେ ତାହା ନିଦ୍ରାରେ ପରିବର୍ତନ ହୋଇଯାଏ । ଏହିଭଳି ଅବସ୍ଥାରେ ମଣିଷ ଯଦି ଚାଲୁଥାଏ ତେବେ ସେ ପଡ଼ିବ ନାହିଁ । ପଡ଼ିବା ପୂର୍ବରୁ ତାକୁ ଝଟକା ଲାଗିଥାଏ ଫଳତଃ ସେ ଜାଣିନିଏ ଯେ ମୁଁ କେଉଁ ଅବସ୍ଥାରେ ଥିଲି । କିନ୍ତୁ ଯଦି ନିଦ ଆସିଯାଏ ସେତେବେଳେ ପୁଣି ନିଜ ଅଙ୍ଗ ପ୍ରତ୍ୟେଙ୍ଗ ଉପରେ ତା'ର କୌଣସି ଅକ୍ତିଆର୍ ରହେନାହିଁ । ସେ ଯାହା ହେଉ ହୋଇପାରେ ବିଶର୍ ବିନ୍ ବରାଅ ର:ଅଙ୍କୁ ଏଭଳି ପରିସ୍ଥିତିରେ ଏହି ପ୍ରକାରର ନିଦ ଲାଗିଯାଇଥିବ । କିନ୍ତୁ ଯୁଦ୍ଧ ସମୟରେ ତାହା ଶାନ୍ତିପ୍ରଦାନକାରୀ ଅବସ୍ଥା ଥିଲା । ଏଭଳି ଅବସ୍ଥାରେ ମଣିଷ ପଡ଼ିଯାଇଥାଏ । ଯଦି ଏହାକୁ ସଠିକ୍ ମାନିନିଆଯାଏ ତେବେ ତାଙ୍କ ହାତ ଢ଼ିଲା ହୋଇଯିବାରୁ ତରବାରୀ ଖସିପଡ଼ିଥିବ । ସେ ଯାହା ହେଉ ଏପରି ଅବସ୍ଥାରେ ତତ୍‌କ୍ଷଣାତ୍ ଅନୁଭବ ହୋଇଯାଏ ଯେ ମୁଁ ଗଭୀର ନିଦ୍ରାବସ୍ଥାକୁ ଯାଉଅଛି । ଏବଂ ମଣିଷ ଝଟ୍‌କା ଖାଇ ଚେଇଁ ପଡ଼ିଥାଏ । ସୁତରାଂ ଅଲ୍ଲାଃ ତାଲା କହୁଛନ୍ତି ଯେ ଆମେ ତୁମମାନଙ୍କ ଉପରେ ଏପରି ଆରାମ ଓ ଶାନ୍ତିର ଅବସ୍ଥାକୁ ଅବତୀର୍ଣ୍ଣ କଲୁ ଯାହା ନିଦ୍ରାର ଅନୁରୂପ ଥିଲା ନିଦ୍ରା ସଦୃଶ ଏତେ ଗଭୀର ନଥିଲା ଯେ ତୁମକୁ ନିଜ ଉପରେ ଓ ନିଜ ଅଙ୍ଗପ୍ରତ୍ୟେଙ୍ଗ ଉପରେ କୌଣସି ଆୟତ ନ ରହେ । ସେ ଶାନ୍ତି ପ୍ରଦାନ ତ କରୁଥିଲେ କିନ୍ତୁ ତୁମକୁ ନିରର୍ଥକ କରୁନଥିଲା ।

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ'' *(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)* |
|---|---|

**ତାଲିବେ ଦୁଆ:** *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ତିରିମିଜ ଅବ୍‌ଓ୍ୱାବୁଲ୍ ତଫସିର୍‌ରେ ହଜରତ ଅବୁ ତଲ୍‌ହା ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ଉହଦ୍ ଯୁଦ୍ଧ ଦିନ ମୁଁ ମଣ୍ଡ ଉଠାଇ ଦେଖିବାକୁ ଲାଗିଲି ଯେ ପ୍ରତ୍ୟେକ ବ୍ୟକ୍ତି ଘୁମେଇ ଘୁମେଇ ନିଜ ନିଜର ଢ଼ାଲ ତଳେ ଝୁକିପଡୁଥିଲା । ଜାଗିବା ଯୋଗୁଁ ବା ଥକାପଣ ଯୋଗୁଁ ସେହି ସାହାବାମାନଙ୍କର ଅବସ୍ଥା ବହୁତ ଖରାପ ହୋଇଯାଇଥିଲା । ଏବଂ ଏହିପରି ପରିସ୍ଥିତିରେ ଅଲ୍ଲାଃଙ୍କ ତରଫରୁ ଏମିତି ଶାନ୍ତି ମିଳୁଥିଲା । ସେ କହୁଛନ୍ତି ଏପରି ଅବସ୍ଥା ସମସ୍ତଙ୍କଠାରେ ଦେଖିବାକୁ ମିଳୁଥିଲା । କୌଣସି ଜଣେ ଥକିଯାଇଥିବା ମୁଜାହିଦ୍ ବ୍ୟକ୍ତିଙ୍କ ପାଇଁ ଏପରି ଅବସ୍ଥା ନଥିଲା । ବରଂ ହଜରତ ଖଲିଫତୁଲ୍ ମସିହ ରାବେ ଲେଖୁଛନ୍ତି ଯେ ଆଁ ହଜରତ ସ:ଆ:ସଙ୍କ ସମସ୍ତ ସାହାବାମାନେ ଯେଉଁମାନେ ଶତ୍ରୁମାନଙ୍କ ବିରୁଦ୍ଧରେ ଯୁଦ୍ଧ କରୁଥିଲେ ସେ ସମସ୍ତଙ୍କ ଉପରେ ଅଚାନକ ଯେପରି ଆକାଶରୁ ଗୋଟିଏ ବସ୍ତୁ ଅବତୀର୍ଣ୍ଣ ହେଲା ଏବଂ ଏପରି ଅବସ୍ଥାରେ ସେ ସମସ୍ତଙ୍କୁ ଢ଼ାଙ୍କି ଦେଲା । ସେତେବେଳେ ସେମାନଙ୍କ ଥକିଯାଇଥିବା ଅଙ୍ଗ ପ୍ରତ୍ୟେଙ୍ଗ ଗୁଡ଼ିକୁ ରିଫ୍ରେସ୍ କରିବାର ଓ ତାଜା କରିବାର ଭିଷଣ ଆବଶ୍ୟକତା ଥିଲା ଓ ସେ ସମୟ ଶୋଇବାର ସମୟ ନଥିଲା । ସୁତରାଂ ଏହିପରି ଥକାପଣ ଅବସ୍ଥାରେ ମଣିଷ ଉପରେ ଏପରି ଅବସ୍ଥା ଆସିଯାଏ । ସେ ଯାହା ହେଉ ସାରା କୌମ୍ (ଅର୍ଥାତ ସମସ୍ତ ଲୋକେ) ଏକ ସମୟରେ ଏପରି ଏକ ନିଦ୍ରିତ ଅବସ୍ଥାକୁ ଚାଲିଯିବା ଯେବେ କି ସେତେବେଳେ ଯୁଦ୍ଧ ଚାଲିଥିବ ଓ ଶତ୍ରୁମାନଙ୍କ ତରଫରୁ ଭିଷଣ ବିପଦ ଥିବ, ଏହା ଏକ ଐଶି ଚମତ୍କାର । କୌଣସି ଆକସ୍ମିକ ଘଟଣା ନୁହେଁ । କେତେ ଲୋକଙ୍କ ସହିତ ଏପରି ହୋଇଯାଇଥାଏ, କୌଣସି ଆକସ୍ମିକ ଘଟଣା ନୁହେଁ, ଏହା ଏକ ଚମତ୍କାର ଅଟେ । ଏହା ଖୁଦାତାଲାଙ୍କ ତରଫରୁ ଏକ ବିଶେଷ ଶାନ୍ତିର ଅବସ୍ଥା ସେତେବେଳେ ତାଙ୍କୁ ପ୍ରଦାନ କରାଯାଇଥିଲା । *(ଦରସୁଲ୍ କୁର୍‌ଆନ୍ ପ୍ରଦତ ହଜରତ ଖଲିଫତୁଲ୍ ମସିହ୍ ୪ର୍ଥ ୬ ରମ୍‌ଜାନ୍, ୧୭ ଫେବୃୟାରୀ ୧୯୯୪)*

ହଜରତ ବିଶର୍ ର:ଅ ଖୈବର ଯୁଦ୍ଧ ଦିନ ରସୁଲୁଲ୍ଲାଃ ସ:ଆ:ସ ଙ୍କ ସହିତ ମିଶି ସେହି ଜହର ମିଶ ମାଂସକୁ ଖାଇଥିଲେ ଯାହାକୁ ଜଣେ ଇହୁଦୀ ମହିଳା ଆଁ ହଜରତ ସ:ଆ:ସଙ୍କୁ ଉପହାର ସଦୃଶ ଦେଇଥିଲା । ଯେତେବେଳେ ହଜରତ ବିଶର୍ ର:ଅ ନିଜ ମୁହଁରେ ପ୍ରଥମ ଗୁଣ୍ଡାକୁ ଖାଇଲେ, ଏବେ ସେଠାରୁ ହଲି ନଥିଲେ ଯେ ତାଙ୍କ ରଙ୍ଗ ନୀଳ ପଡ଼ିଗଲା । ଏକ ବର୍ଷ ପର୍ଯ୍ୟନ୍ତ ଏପରି କଷ୍ଟ ହେଉଥିଲା ଯେ ବିନ ସାହାଯ୍ୟରେ କଡ଼ ଲେଉଟାଇପାରୁନଥିଲେ । ପୁଣି ଏହିପରି ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଗଲା । ପୁଣି ଏକଥା ମଧ୍ୟ ମିଳୁଛି ଯେ ସେ ସେହି ସ୍ଥାନରୁ ଉଠିନଥିଲେ ଯେ ବିଷର ପ୍ରଭାବ ଏତେ ଜୋର୍ ଥିଲା କି ସେ ସେହି ସ୍ଥାନରେ ଅଳ୍ପ ସମୟ ପରେ ତାଙ୍କର ମୃତ୍ୟୁ ହୋଇଗଲା । *(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୨୯୧..... ଦାରେ ଅହ୍‌ୟା....... ୧୯୯୬)*

ହଜରତ ବିଶର ବିନ୍ ବରାଅ ର:ଅଙ୍କର ଯେବେ ଦେହାନ୍ତ ହେଲା, ତାଙ୍କ ମାଆଙ୍କୁ ବହୁତ ଦୁଃଖ ହେଲା । ସେ ଆଁ ହଜରତ ସ:ଆ:ସଙ୍କ ନିକଟକୁ ଆସି କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ବିଶରଙ୍କ ମୃତ୍ୟୁ ବନୁ ସଲ୍‌ମାକୁ ଶେଷ କରିଦେବ । ବନୁ ସଲମାର ଲୋକମାନେ ତ ମରିଚାଲିବେ । କ'ଣ ମୃତବ୍ୟକ୍ତି ଜଣେ ଅନ୍ୟ ଜଣଙ୍କୁ ଚିହ୍ନି ନେବେ । ସେମାନେ ଯେଉଁ କୁକାର୍ଯ୍ୟ କରିଛନ୍ତି, ସେଥିଯୋଗୁଁ ସେମାନେ ଧ୍ୱଂସ ହେବେ କିନ୍ତୁ କଣ ମୃତବ୍ୟକ୍ତି ଜଣେ ଅନ୍ୟ ଜଣଙ୍କୁ ଚିହ୍ନିନେବେ କ'ଣ ବିଶରଙ୍କ ତରଫରୁ ସଲାମ ପହଚଂଇ ଦିଆ ଯାଇପାରେ ? ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ ହଁ ହଁ ବିଶରଙ୍କ ମାଆ ! ମତେ ତା ରାଣ ଯାହାଙ୍କ ହାତରେ ମୋର ଜବୀନ ନାଟିକା ରହିଛି ! ଯେମିତି ପକ୍ଷିମାନେ ଘଛ ଉପରେ ଜଣେ ଅନ୍ୟଙ୍କୁ ଚିହ୍ନିନେଉଛନ୍ତି ସେହିପରି ବୈକୁଣ୍ଠବାସୀ ମଧ୍ୟ ଜଣେ ଅନ୍ୟଜଣଙ୍କୁ ଚିହ୍ନିନେବେ । *(ସବଲଲ୍ ହୁଦା ୱ୍ର୍ ରଶାଦ୍ ଖଣ୍ଡ-୩ ପୃ-୧୩୨..... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୧୯୯୩) ।*

ତାଙ୍କ କହିବାର ଅର୍ଥ ଏହା ଥିଲା ଯେ, ତାଙ୍କୁ ଯଦି ଚିହ୍ନିନେବୁ ଅର୍ଥାତ ଯେଉଁମାନେ ମୃତ୍ୟୁବରଣ କରିସାରିଛନ୍ତି ସେମାନଙ୍କ ଜରିଆରେ ମୁଁ ସଲାମ ପ୍ରେରଣ କରିପାରିବି । ଆଉ ଗୋଟିଏ ରିଓ୍ୱାୟତରେ ଏପରି ଶବ୍ଦ ମଧ୍ୟ ରହିଛି ଯେ, ବନୁ ସଲ୍‌ମା ର ଯେ କୌଣସି ମଧ୍ୟ ବ୍ୟକ୍ତି ଯେବେ ମୃତ୍ୟୁବରଣ କରିବାକୁ ଥାଏ ତେବେ ଆଁ ହଜରତ ସ:ଆ:ସଙ୍କ ଏକଥାକୁ ଶୁଣିବାପରେ ହଜରତ ବିଶର୍ ର:ଅଙ୍କ ମାଆ ତାଙ୍କ ନିକଟକୁ ଯାଇ ଏକଥା କହିଛନ୍ତି ଯେ, ହେ ଅମୁକ ବ୍ୟକ୍ତି ! ତୁମ ଉପରେ ସଲାମ ହେଉ ଏଥିରେ ସେ ଉତର ଦେଇଥାନ୍ତି ତୁମ ଉପରେ ମଧ୍ୟ ହେଉ । ତା'ପରେ ସେ କହିଥାନ୍ତି ଯେ, ବିଶର୍‌ଙ୍କୁ ମୋର ସଲାମ କହିଦେବ । *(ମିର୍‌କାତୁଲ୍ ମଫାତିହି........ ଖଣ୍ଡ-୪, ପୃ-୯୯ କିତାବୁଲ୍ ଯନାଇଜ......ଦାରୁଲ କୁତୁବୁଲ୍ ଅଲମିୟା ବେରୁତ ୨୦୦୧)*

ହଜୁର ଅନଓ୍ୱର ଅ:ବ:ଅ କହୁଛନ୍ତି ବନୁ ସଲମାର ଯଦି କୌଣସି ବ୍ୟକ୍ତି ମୃତ୍ୟୁର ନିକଟତର ହେଉଥିବାର ଦେଖନ୍ତି ସେ ଯାଇ ତାଙ୍କୁ କୁହନ୍ତି ତାଙ୍କୁ ଅର୍ଥାତ ବିଶରଙ୍କୁ ସଲାମ ପହଂଚାଇଦେବ ।

ଆଉ ଗୋଟିଏ ରିଓ୍ୱାୟତ ମୁତାବକ ହଜରତ ବିଶ୍‌ରଙ୍କ ଭଉଣି, ହଜରତ ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ହେବାର ନିକଟତର ସମୟରେ ଆପଣ ସ:ଆ:ସଙ୍କ ନିକଟକୁ ଆସିଲେ ଏହା ଦେଖି ଆଁ ହଜରତ ସ:ଆ:ସ ତାଙ୍କୁ କହିଲେ ତୁମ ଭାଇଙ୍କ ସହିତ ଖୈବରଠାରେ ମୁଁ ଯେଉଁ ଖାଦ୍ୟ ଖାଇଥିଲି ସେଥିପାଇଁ ମୁଁ ନିଜର ଶିରଗୁଡ଼ିକ କଟିଯାଇଥିବା ଅନୁଭବ କରୁଅଛି । *(ସିରତୁଲ୍ ହଲବିୟା ଖଣ୍ଡ-୩, ପୃ-୮୨........ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୨)*

ଏହି ଖାଦ୍ୟ ଖାଇବା ଘଟଣା ବିଷୟରେ ହଜରତ ମୁସ୍‌ଲେହ ମଉଦ ର:ଅ ବିସ୍ତାର ରୂପେ ବର୍ଣ୍ଣନା କରିଛନ୍ତି ଯେ, :- ଇହୁଦୀ ମହିଳାଜଣକ ସାହାବାମାନଙ୍କୁ ପଚାରିଲା ଯେ, ରସୁଲେ କରିମ୍ ସ:ଆ:ସଙ୍କୁ ପଶୁର କେଉଁ ଭାଗର ମାଂସକୁ ଅଧିକ ପସନ୍ଦ କରିଥାନ୍ତି ? ସାହାବାମାନେ ବତାଇଲେ ଯେ, ଆପଣ ସ:ଆ:ସଙ୍କୁ ଆଗ ଫଡ଼ିଆର ମାଂସ ଅଧିକ ପସନ୍ଦ । ଏହା ଶୁଣି ସେ, ଗୋଟିଏ ବକ୍‌ରା ଜେଭ କଲେ ଏବଂ ପଥରରେ ରଖି ତାହାର କବାବ ବନାଇଲେ ତା'ପରେ ସେହି ମାଂସରେ ବିଶ ମିଶାଇଦେଲା । ବିଶେଷରୂପେ ସେହି ଆଗ ଫଡ଼ିଆର ମାଂସରେ, ଯାହା ବିଷୟରେ କୁହାଯାଇଥିଲା ଯେ, ରସୁଲେ କରିମ୍ ସ:ଆ:ସଙ୍କୁ ତାହାର ମାଂସ ଅଧିକ ପସନ୍ଦ । ପୁଣି ସୂର୍ଯ୍ୟ ଅସ୍ତ ହେବାପରେ ଯେତେବେଳେ ରସୁଲେ କରିମ୍ ସ:ଆ:ସ ସଂନ୍ଧ୍ୟାବେଳର ନମାଜ ପାଠ ଶେଷ କରି ନିଜ ରହଣିସ୍ଥଳକୁ ଫେରୁଥିଲେ ସେତେବେଳେ ଆପଣ ସ:ଆ:ସ ଦେଖିଲେ ଯେ, ଆପଣଙ୍କ ସାମିୟାନା ନିକଟରେ ଜଣେ ମହିଳା ବସିଛି । ଆପଣ ସ:ଆ:ସ ତାଙ୍କୁ ପଚାରିଲେ ଯେ, ମାଆ ଏଠାରେ ତୁମର କ'ଣ କାମ ? ସେ କହିଲେ ଯେ, ହେ ଅବୁଲ୍ କାସିମ୍ ! ମୁଁ ଆପଣଙ୍କ ପାଇଁ ଗୋଟିଏ ଉପହାର ନେଇ ଆସିଛି । ରସୁଲେ କରିମ୍ ସ:ଆ:ସ ତାଙ୍କର କୌଣସି ଜଣେ ସାହାବିଙ୍କୁ କହିଲେ ଯେ, ସେ ଯେଉଁ ଜିନିଷ ଦେଉଛନ୍ତି ତାକୁ ନେଇ ନିଅ । ତା'ପରେ ଯେତେବେଳେ ଆପଣ ସ:ଆ:ସ ଖାଦ୍ୟ ଖାଇବା ପାଇଁ ବସିଲେ ସେତେବେଳେ ସେହି ଭଜା ମାଂସକୁ ମଧ୍ୟ ରଖିଦିଆଗଲା । ରସୁଲେ କରିମ୍ ସ:ଆ:ସ ସେଥିମଧ୍ୟରୁ ଖଣ୍ଡେ ଖାଇଲେ ଏବଂ ଆପଣ ସ:ଆ:ସଙ୍କ ଜଣେ ସାହାବି ବଶିର୍ ବିନ୍ ବରାଅ ବିନ୍ ମାଉର୍ ମଧ୍ୟ ଖଣ୍ଡେ ଖାଇନେଲେ । ସେ ଯାହାହେଉ ଇତିହାସର ପୁସ୍ତକଗୁଡ଼ିକରେ ହଜରତ ବିଶର୍
ବିନ୍ ବରାଅଙ୍କ ନାମ କେତେକ ସ୍ଥାନରେ ବଶୀର୍ ବିନ୍ ବରାଅ ମଧ୍ୟ ଲେଖାଯାଇଛି । ଏଠାରେ ହଜରତ ମୁସଲେହ ମଉଦ ମଧ୍ୟ ବଶିର୍ ବିନ୍ ବରାଅ ଲେଖିଛନ୍ତି ସେଥିରୁ ବିଶର୍ ବିନ୍ ବରାଅ ହିଁ ନିଆଯିବ । ଏହି ସମୟରେ ବାକି ସାହାବାମାନେ ମଧ୍ୟ ମାଂସ ଖାଇବା ପାଇଁ ହାତ ବଢ଼ାଇଲେ । ଏହା ଦେଖି ଆଁ ହଜରତ ସ:ଆ:ସ କହିଲେ ଏହାକୁ ଖାଅ ନାହିଁ କାରଣ ଏହି ହାତ ମତେ ଖବର ଦେଇଛି ଯେ, ମାଂସରେ ବିଶ ମିଶାଯାଇଛି । ଅର୍ଥାତ ଏ କଥା ନୁହେଁ ଯେ, ସେଠାରେ ଆପଣ ସ:ଆ:ସଙ୍କୁ ସ୍ୱର୍ଗବାଣୀ ହୋଇଥିଲା ବରଂ ଏହା ଆରବୀୟମାନଙ୍କର କହିବା ଶୈଳୀ । ଅର୍ଥାତ ସେହି ମାଂସକୁ ଚାଖିବାପରେ ମୁଁ ଜାଣିପାରିଛି ଯେ, ସେଥିରେ ବିଶ ମିଶାଯାଇଅଛି । ହଜରତ ମୁସଲେହ ମଉଦ ର:ଅ ହିଁ ଏହି ବିଷୟରେ ବ୍ୟାଖ୍ୟା କରି କହୁଛନ୍ତି ଯେ, ପବିତ୍ର କୁର୍‌ଆନରେ ମଧ୍ୟ ହଜରତ ମୁସା ଆ:ସଙ୍କ ଯୁଗ ବିଷୟରେ ଗୋଟିଏ ଘଟଣାର ବର୍ଣ୍ଣନା କରି ମଧ୍ୟ ଏପରି କୁହାଯାଇଛି । ଅର୍ଥାତ ଗୋଟିଏ କାନ୍ଥ ବିଷୟରେ ଏ ଉକ୍ତି ଆସିଛି ଯେ, ତାହା ଭାଙ୍ଗିପଡ଼ିବାକୁ ଚାହୁଁଥିଲା ଯାହାର ଅର୍ଥ ହେଉଛି ଏହା କି, ସେଥିରେ ଭାଙ୍ଗିପଡ଼ିବାର ଲକ୍ଷଣ ସୃଷ୍ଟି ହୋଇଯାଇଥିଲା । ପୁଣି ଆଗକୁ ସେ କହୁଛନ୍ତି ଯେ, ଏଥିରେ ବଶିର୍ କହିଲେ ଅର୍ଥାତ ବିଶର ବିନ୍ ବରାଅ କହିଲେ ଯେ, ଯେଉଁ ଖୁଦା ଆପଣଙ୍କୁ ସମ୍ମାନ ଦେଇଛନ୍ତି ମୁଁ ତାହାଙ୍କ ରାଣ ଖାଇ କହୁଛି ଯେ, ମତେ ମଧ୍ୟ ସେହି ଖାଇବା ଗୁଣ୍ଡା ଭିତରେ ବିଶ ଥିବାର ଜଣାପଡ଼ିଗଲା । ମୋ ମନ ଚାହୁଁଥିଲା ଯେ, ମୁଁ ଏହାକୁ ଫିଙ୍ଗିଦିଏ କିନ୍ତୁ ମୁଁ ଭାବିଲି ଯେ, ଯଦି ମୁଁ ଏପରି କରିବି ତେବେ କାଳେ ଆପଣଙ୍କ ମନ ଖରାପ ହେବ ଓ ଆପଣ ଖାଦ୍ୟ ଖାଇ ନପାରନ୍ତି । କିନ୍ତୁ ମତେ ଏପରି ଲାଗୁଥିଲା ଯେ, ଏଥିରେ କିଛି ଅଛି ଏବଂ ଯେତେବେଳେ ଆପଣ ସ:ଆ:ସ ଉକ୍ତ ମାଂସକୁ ଗିଳିଦେଲେ ସେତେବେଳେ ମୁଁ ମଧ୍ୟ ଆପଣଙ୍କୁ ଅନୁସରଣ କରି ଖାଇଦେଲି ଯେବେ କି ମୋ ମନ ଏହା ଚାହୁଁଥିଲା ଯେ, ଯେହେତୁ ମତେ ସନ୍ଦେହ ଲାଗୁଛି କି, ସେଥିରେ ବିଷ ଅଛି ତେଣୁ କାଳେ ରସୁଲୁଲ୍ଲାଃ ସ:ଆ:ସ ତାହାକୁ ଖାଇ ନ ଦିଅନ୍ତୁ । ଏହାର କିଛି ସମୟପରେ ବଶିର୍‌ଙ୍କ ଦେହ ଖରାପ ହେଇଗଲା ଓ କେତେକ ରିଓ୍ୱାୟତରେ ତ ଏହା ଆସୁଛି ଯେ, ସେ ସେଠି ଖୈବରଠାରେ ମୃତ୍ୟୁବରଣ କଲେ । ଏବଂ ଆଉ କେତେକ ରିଓ୍ୱାୟତରେ ଆସୁଛି ଯେ, ସେହି ଘଟଣା ଟି ଘଟିବାର କିଛିଦିନ ପର୍ଯ୍ୟନ୍ତ ସେ ବିମାର ରହିଲେ ତା'ପରେ ଯାଇ ତାଙ୍କର ଦେହାନ୍ତ ହେଲା । ରସୁଲେ କରିମ୍ ସ:ଆ:ସ ସେହି ଖାଦ୍ୟର କିଛି ମାଂସକୁ ନେଇ ଗୋଟିଏ କୁକୁର ସମ୍ମୁଖରେ ପକାଇଦେଲେ ତାହାକୁ ଖାଇ ଉକ୍ତ କୁକୁରଟି ମରିଗଲା । ସୁତରାଂ ରସୁଲେ କରିମ୍ ସ:ଆ:ସ ଉକ୍ତ ମହିଳା ଜଣଙ୍କୁ ଡ଼କାଇ ପଚାରିଲେ ତୁମେ କ'ଣ ସେହି ଛେଳିମାଂସରେ ବିଷ ମିଶାଇଥିଲ କି । ସେ କହିଲା ଆପଣଙ୍କୁ ଏକଥା କିଏ କହିଲା । ଆପଣ ସ:ଆ:ସଙ୍କ ହାତରେ ସେତେବେଳେ ଉକ୍ତ ଛେଳିର ଫଡ଼ିଆର ମାଂସ ଥିଲା ତେଣୁ ଆପଣ ସ:ଆ:ସ କହିଲେ ଏହି ହାତ ମତେ ବତାଇଛି । ଏହା ଶୁଣି ଉକ୍ତ ମହିଳାଜଣକ ଜାଣିଗଲା ଯେ, ଆପଣ ସ:ଆ:ସଙ୍କ

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱ୍ଲିଇଉଁ ୱ୍ଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

ନିକଟରେ ଏହି ରହସ୍ୟ ଖୋଲିଯାଇଛି । ସୁତରାଂ ସେ ବିଷ ମିଶାଇଛି ବୋଲି ସ୍ୱୀକାର କରିନେଲା । ତା'ପରେ ଆପଣ ସ:ଆ:ସ ତାକୁ ପଚାରିଲେ ଯେ, ଏହିଭଳି ଅପସନ୍ଦ କାର୍ଯ୍ୟକୁ କରିବାପାଇଁ ତୁମକୁ କିଏ ପ୍ରୋତ୍ସାହିତ କଲା । ଏଥିରେ ସେ କହିଲା ଯେ, ମୋ କୌମ୍ ସହିତ ଆପଣଙ୍କ ଯୁଦ୍ଧ ହୋଇଥିଲା ଓ ମୋର ନିକଟ ସମ୍ପର୍କୀୟ ବନ୍ଧୁବାନ୍ଧବମାନେ ସେହି ଯୁଦ୍ଧରେ ମରିଯାଇଥିଲେ । ତେଣୁ ମୋ ମନରେ ଏ ଧାରଣା ଆସିଲା ଯେ, ମୁଁ ତାଙ୍କୁ ବିଷ ଦେଇଦେବି । ଯଦି ତାଙ୍କର ଏହି ସମସ୍ତ କାର୍ଯ୍ୟ ମନୁଷ୍ୟଗତ କାର୍ଯ୍ୟ ହୋଇଥିବ ତେବେ ଆମକୁ ତା'ଠାରୁ ମୁକ୍ତି ମିଳିଯିବ କିନ୍ତୁ ଯଦି ସେ, ବାସ୍ତବରେ ନବି ଅର୍ଥାତ ଅବତାର ହୋଇଥିବେ ତେବେ ଖୁଦାତାଲା ତାଙ୍କୁ ସ୍ୱୟମଂ ବଂଚାଇଦେବେ । ରସୁଲେ କରିମ୍ ସ:ଆ:ସ ତା'ର ଏକଥା ଶୁଣି ତାକୁ କ୍ଷମା କରିଦେଲେ ଓ ତା'ର ଏହି କୁକର୍ମ ପାଇଁ ନିଶ୍ଚିତରୂପେ ମୃତ୍ୟୁଦଣ୍ଡ ଥିଲା କିନ୍ତୁ ତାକୁ ତାହା ଦିଆଗଲା ନାହିଁ । ଏ ଘଟଣା ବତାଇ ଦେଉଛି ଯେ, ରସୁଲୁଲ୍ଲାଃ ସ:ଆ:ସ କିଭଳି ତାଙ୍କ ଜୀବନ ଶତ୍ରୁ ଓ ତାଙ୍କ ସାହାବାମାନଙ୍କୁ ମାରିଥିବା ଲୋକମାନଙ୍କୁ କ୍ଷମା ଦେଇ ଦେଉଥିଲେ ଏବଂ ବାସ୍ତବରେ ସେତେବେଳେ ଆପଣ ସ:ଆ:ସ ଦଣ୍ଡ ଦେଉଥିଲେ ଯେତେବେଳେ କୌଣସି ଜଣେ ବ୍ୟକ୍ତିଙ୍କ ଜୀବିତ ରହିବା ଦ୍ୱାରା ଆସନ୍ତାକୁ ବହୁତଗୁଡ଼ିଏ ଫିତ୍ନା ଅର୍ଥାତ ବିଭ୍ରାଟର କାରଣ ହୋଇପାରିଥାନ୍ତା । *(ଦିବାଚା ତଫସିରୁଲ୍ କୁର୍ଆନ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୨୦, ପୃ-୩୨୭-୩୨୯)*

କେତେକ ଶତ୍ରୁ ଏ ଆରୋପ ଲଗାଉଛନ୍ତି ଯେ, ନବୀ କରିମ୍ ସ:ଆ:ସଙ୍କ ଦେହାନ୍ତ ସେହି ଜହର ଯୋଗୁଁ ହୋଇଥିଲା । ଏବଂ ଇତିହାସ ଓ ସିରତ୍‌ର କେତେକ ପୁସ୍ତକଗୁଡିକରେ ମଧ୍ୟ ଏ ତର୍କ କରାଯାଇଛି ଓ କେତେକ ଆତ୍ମଜୀବନି ଲେଖୁଥିବା ଲେଖକମାନେ ଏଥିଯୋଗୁଁ ଆଁ ହଜରତ ସ:ଆ:ସଙ୍କୁ ଶହୀଦ ହେବାର ପଦମର୍ଯ୍ୟାଦା ଦେବାପାଇଁ ଉକ୍ତ ରିୱାୟାତ ଗୁଡ଼ିକୁ ଗ୍ରହଣ କରିନେବା ପାଇଁ ପ୍ରସ୍ତୁତ ହୋଇଯାଉଛନ୍ତି ଯେଉଁଥିରେ ଏକଥା ଲେଖାଯାଇଛି ଯେ, ସେହି ଜହର ଯୋଗୁଁ ଆଁ ହଜରତ ସ:ଆ:ସଙ୍କ ଦେହାନ୍ତ ହୋଇଥିଲା ବୋଲି ଯେବେ କି, ବାସ୍ତବରେ ଏକଥା ଠିକ୍ ନୁହେଁ ଏ ବାବଦରେ ଆମର ରିସର୍ଚ୍ଚ ସେଲ୍ ମଧ୍ୟ ମୋ ନିକଟକୁ ଗୋଟିଏ ନୋଟ୍ ପଠାଇଥିଲେ ତାହା ମଧ୍ୟ ଏପରି ଅଛି କି, ଯାହାକୁ ମୁଁ ଏଠାରେ ଶୁଣାଇଦେବା ଉଚିତ ଭାବୁଛି । ସେହି ଘଟଣା ମୁତାବକ ସେ କହୁଛନ୍ତି ଯେ, ଇତିହାସ, ଆତ୍ମଜୀବନି ର ପୁସ୍ତକ ହେଉ ଅଥବା ହଦୀସ୍‌ର ସେ ସବୁଥିରେ ଗୋଟିଏ କଥା ଦୃଢ଼ ରହିଛି ଯେ, ଆଁ ହଜରତ ସ:ଆ:ସଙ୍କ ଦେହାନ୍ତ ସେହି ଜହର ଯୋଗୁଁ କଦାପି ହୋଇନଥିଲା । ଯିଏ ଏହିପରି କଥା କହୁଛି ପ୍ରଥମତଃ ସେ ଏହି ସମସ୍ତ ରିୱାୟତଗୁଡ଼ିକର ଜ୍ଞାନ ରଖିନାହିଁ ବା ସେ ନିଜେ ଭୁଲ୍ କରିବସୁଛି । ସ୍ପଷ୍ଟ ହେଉ ଯେ, ଜହର ଦିଆଯିବାର ଘଟଣା ଖୈବର ଯୁଦ୍ଧ ସମୟରେ ହୋଇଥିଲା ଓ ତାହା ଛଅ ହୀଜ୍‌ରି ର ଶେଷରେ ବା ସାତ ହିଜ୍‌ରୀର ପ୍ରାରମ୍ଭରେ ଅନୁଷ୍ଠିତ ହୋଇଥିଲା ଓ ଏହାର ପାଖାପାଖି ଚାରିବର୍ଷ ପର୍ଯ୍ୟନ୍ତ ଆପଣ ସ:ଆ:ସ ଜୀବିତ ରହିଛନ୍ତି । ସମ୍ପୂର୍ଣ୍ଣରୂପେ ଜୀବନ ଅତିବାହିତ କରିଛନ୍ତି । ସେହିପରି ଯେଉଁଭଳି ଏହା ପୂର୍ବରୁ ଯୁଦ୍ଧ କରିବାପାଇଁ ମଧ୍ୟ ଯାଉଥିଲେ । କିନ୍ତୁ ଉପାସନା ଓ ଅନ୍ୟାନ୍ୟ କାର୍ଯ୍ୟକଳାପଗୁଡ଼ିକରେ ମଧ୍ୟ ତିଳେ ମାତ୍ର ଫରକ ଆସିଲା ନାହିଁ । ଉଣା ଅଧିକେ ଚାରିବର୍ଷ ପରେ ଜ୍ୱର ଓ ମୁଣ୍ଡ ବିନ୍ଧାର ଅବସ୍ଥା ଆରମ୍ଭ ହୋଇଯିବା ଓ ତା'ପରେ ତାଙ୍କର ଦେହାନ୍ତ ହୋଇଯିବା ଏଥିରେ କୌଣସି ବୁଦ୍ଧିମାନ ବ୍ୟକ୍ତି ଏହା କହିପାରିବ ନାହିଁ ଯେ, ସେହି ଜହର ଯୋଗୁଁ ତାହା ଚାରିବର୍ଷ ପରେ ପ୍ରଭାବ ପକାଇଛି ବୋଲି । ଅସଲରେ ବୁଖାରୀ ଓ ଅନ୍ୟ କେତେକ ହଦୀସଗୁଡ଼ିକରେ ଗୋଟିଏ ହଦିସ୍ ଅଛି ଯାହାର ଅନୁବାଦକୁ ସଠିକ୍ ଭାବରେ ନ ବୁଝିବା ଯୋଗୁଁ ଏ ଅର୍ଥ ବାହାର କରାଯାଉଛି ଯେ, ଯେମିତି ସେହି ବିଷ ଯୋଗୁଁ ହିଁ ତାଙ୍କର ଦେହାନ୍ତ ହୋଇଯାଇଥିଲା । ଯେବେ କି ଏହା ଠିକ୍ ନୁହେଁ । ବୁଖାରୀର ସେହି ହଦୀସ୍‌ଟି ର ଏଠାରେ ମୁଁ ଅନୁବାଦକୁ ବର୍ଣ୍ଣନା କରିଦେଉଛି ହଜରତ ଆଇଶା କହୁଛନ୍ତି ଯେ, ଆଁ ହଜରତ ସ:ଆ:ସ ତାଙ୍କ ଶେଷ ସମୟରେ ବିଛଣାରେ ପଡ଼ି ଏ କଥା କହୁଥିଲେ ଯେ, ଆଇଶା ! ମୁଁ ଯେଉଁ ଖାଦ୍ୟକୁ ଖୈବରଠାରେ ଖାଇଥିଲି ତାହାର କଷ୍ଟ ମତେ ସର୍ବଦା ଅନୁଭବ ହେଉଅଛି । ଓ ଏବେ ମଧ୍ୟ ଓ ଏବେ ମଧ୍ୟ ସେହି ଜହର ଦ୍ୱାରା ମୁଁ ମୋ ଶୀରଗୁଡ଼ିକ କଟି ଯାଇଥିବାର ଅନୁଭବ କରୁଅଛି । *(ସହି ବୁଖାରୀ କିତବୁଲ୍ ମଗାଜି....... ହଦିସ ୪୪୨୮)*

ଏହି ହଦିସ୍‌ରୁ ଏ ଅର୍ଥ ବାହାରୁଛି ଯେ କେତେକ ମୁସଲମାନ ମୁଫସିର୍ ଅର୍ଥାତ ବ୍ୟାଖ୍ୟାକାରୀମାନେ ଏକଥା କହୁଛନ୍ତି ଯେ, ବାସ୍ତବିକ ସେହି କଷ୍ଟ ଯୋଗୁଁ ଆଁ ହଜରତ ସ:ଆ:ସଙ୍କ ଦେହାନ୍ତ ହୋଇଥିଲା ଏବଂ ପୁଣି ତାହାକୁ ସମ୍ମୁଖରେ ରଖି ଏକଥା ମଧ୍ୟ ବ୍ୟାଖ୍ୟା କରୁଛନ୍ତି ଯେ. ଆଁ ହଜରତ ସ:ଆ:ସଙ୍କୁ ସେଥିଯୋଗୁଁ ଶହୀଦ ଭାବେ ଅଭିହିତ କରାଯାଇପାରେ । ଅବା କେତେକଙ୍କ ନିକଟରେ ଅଭିହିତ କରାଯାଉଅଛି । ଯେବେ କି ଏହି ରିୱାୟତଟି ସେ କଥାକୁ ସମର୍ଥନ କରୁନାହିଁ । ସେଥିରେ କେବଳ ଗୋଟିଏ କଷ୍ଟର ପରିପ୍ରକାଶ କରାଯାଇଛି ଯାହାକୁ ଆଁ ହଜରତ ସ:ଆ:ସ ସେତେବେଳେ କହିଛନ୍ତି ଏବଂ ପ୍ରତ୍ୟେକ ଏକଥା ଜାଣିଛନ୍ତି ଯେ, ବେଳେବେଳେ କୌଣସି ଶାରିରୀକ କଷ୍ଟ, କ୍ଷତ ବା ବେମାରୀ ବେଳେବେଳେ ବିଶେଷ କାରଣ ଯୋଗୁଁ ବାହାରି ଆସିଥାଏ । ଖୈବରଠାରେ ଘଟିଥିବା ଘଟଣାରେ ଯେଉଁ ଜହର ମାଂସରେ ମିଶାଇ ଆପଣଙ୍କୁ ଦିଆଯାଇଥିଲା । ତାହାକୁ ଆପଣ ସ:ଆ:ସ ଖାଇଛନ୍ତି । ଏ ସମ୍ବନ୍ଧରେ ଯଦି ରିୱାୟତର ଗଭୀରତାକୁ ଯିବା ତେବେ ଏକଥା ମଧ୍ୟ ମିଳୁଅଛି ଯେ, ଜହର ମିଶାଯାଇଥିବା ମାଂସକୁ ଆପଣ ମୁହଁ ଭିତରେ ପୁରାଇ ଦେଇଥିଲେ କିନ୍ତୁ ତାହାକୁ ଗିଳି ନଥିଲେ । କିନ୍ତୁ ଯଦି ତାହାକୁ ଖାଇଦେଇଥିବେ ତେବେ ମଧ୍ୟ ଆପଣ ସ:ଆ:ସଙ୍କ ସମ୍ପୂର୍ଣ୍ଣ ଜୀବନ ଏକଥାକୁ ପ୍ରମାଣ କରିଦେଉଛି ଯେ, ଆପଣଙ୍କ ଦେହାନ୍ତର କାରଣ ତାହା ନଥିଲା । ହଁ ସେହି ଜହର ଯୋଗୁଁ ପେଟକୁ ବା ଅନ୍ତନଳୀକୁ ଯେଉଁ କ୍ଷତି ପହଂଚିଥିଲା । ତାହା ବେମାର ଅବସ୍ଥାରେ ଅଧିକ ହୋଇଗଲା ଓ ଏହା ଏକ ସ୍ୱଭାବିକ କଥା ଯେ, ବେଳେବେଳେ ଏପରି ହୋଇଯାଇଥାଏ । ଓ ମୁହଁ ଭିତରକୁ ତାହା ଚାଲିଯିବା ଯୋଗୁଁ ଆପଣ ସ:ଆ:ସଙ୍କ ଗଳା ଭିତରେ ଘଂଟିକା ମଧରେ କୌଣସି କ୍ଷତ ପହଂଚିଥିଲା । ତେଣୁ କେବେକେବେ ଖାଇବା ସମୟରେ ସେହି କଷ୍ଟକୁ ଅନୁଭବ କରୁଥିଲେ । ହଦୀସ୍‌ରେ ଏ ଘଟଣାଟି ସମ୍ପୂର୍ଣ୍ଣ ବିବରଣୀ ସହିତ ମହଜୁଦ୍ ରହିଛି ଓ ସେଥିରେ ଏକଥା ମଧ୍ୟ ଲେଖାଯାଇଛି ଯେ, ଆଁ ହଜରତ ସ:ଆ:ସଙ୍କୁ ଏକଥା ଜଣାପଡ଼ିଯାଇଥିଲା ଯେ, ସେଥିରେ ଜହର ମିଶିଛି ତେଣୁ ଆଁ ହଜରତ ସ:ଆ:ସ ନିଜ ସାହାବାମାନଙ୍କୁ ତାହାଙ୍କୁ ଖାଇବା ପାଇଁ ରୋକି ଦେଇଥିଲେ । ଓ ଜହର ମିଶାଇଥିବା ମହିଳାଙ୍କୁ ଡ଼ାକି ପଚାରିବାରେ ସେ କହିଲା ଯେ, ଆମେ ସେଥିରେ ଏଥିପାଇଁ ଜହର ମିଶାଇ ଦେଇଥିଲୁ ଯେ, ଯଦି ଆପଣ ଈଶ୍ୱରଙ୍କ ତରଫରୁ ସଚ୍ଚା ରସୁଲ୍ ହୋଇଥିବେ ତେବେ ଆପଣ ବଂଚିଯିବେ । ନଚେତ ଆମକୁ ଆପଣଙ୍କଠାରୁ ମୁକ୍ତି ମିଳିଯିବ । ଇହୁଦୀମାନେ ତ ଏହାକୁ ଦେଖିବା ପରେ ଆପଣ ସ:ଆ:ସଙ୍କ ବଂଚିଯିବା କଥାକୁ ଘୋଷଣା କରୁଛନ୍ତି । ଏବଂ ସେହି ମହିଳାଙ୍କ ଅବସ୍ଥା ଏପରି ଥିଲା ଯେ, ସେ ଏତେ ବିପଦପୂର୍ଣ୍ଣ ଜହର ମିଶାଇଥିବା ସତ୍ୱେ ମଧ୍ୟ ଆପଣ ସ:ଆ:ସ ସେଥିରୁ ବଂଚିଯାଇଥିଲେ । କେତେକ ରିୱାୟତରେ ସେହି ମହିଳାଙ୍କ ଇସଲାମ ଗ୍ରହଣ କରିବା ବିଷୟରେ ମଧ୍ୟ ଉଲ୍ଲେଖ ଅଛି । ସେ ଯାହା ବି ହେଉ ସେହି ଇହୁଦୀ ତ ଉକ୍ତ ଜହର ଦ୍ୱାରା ନ ମରିବାର ସ୍ୱୀକାର କରୁଅଛନ୍ତି ଏବଂ ଏହାକୁ ଏକ ଐଶୀ ଚମତ୍କାର ଭାବେ ଅଭିହିତ କରୁଛନ୍ତି । ସେଥିଯୋଗୁଁ ଏକଥା କହିବା ଅର୍ଥାତ ସେହି ବିଷ ଯୋଗୁଁ ଆଁ ହଜରତ ସ:ଆ:ସଙ୍କ ଦେହାନ୍ତ ହୋଇଥିଲା ବୋଲି ତାହା କଦାପି ଠିକ୍ ନୁହେଁ । ଇନ୍‌ଶାଅଲ୍ଲାଃ ଆସନ୍ତାକୁ ବାକି ରହିଯାଇଥିବା କଥାଗୁଡ଼ିକର ଚର୍ଚ୍ଚା କରାଯିବ ।

ବର୍ତମାନ ମୁଁ ଦୁଇଜଣ ମରହୁମିନ୍ (ଅର୍ଥାତ ମୃତ୍ୟୁବରଣ କରିଥିବା ବ୍ୟକ୍ତି)ଙ୍କ ବିଷୟରେ କିଛି କହିବି ଓ ସେମାନଙ୍କର ଯନାଜାଃ ଗାଏବ୍ ଇନ୍‌ଶାଅଲ୍ଲାଃ ନମାଜ ପାଠପରେ ମୁଁ ପଢ଼ାଇବି । ପ୍ରଥମ ଜଣକ ହେଉଛନ୍ତି ମୁକରମ୍ ନସୀର୍ ଅହେମଦ୍ ସାହେବ ଯିଏ ମୁକରମ୍ ଅଲ୍ଲୀ ମୁହମ୍ମଦ ସାହେବ ରାଜନ୍‌ପୁର ନିବାସୀଙ୍କ ପୁତ୍ର ଥିଲେ । ୨୧ ନଭେମ୍ବର ୨୦୧୯କୁ ୬୩ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଗଲା, ***ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍ ।*** ମରହୁମ୍‌ଙ୍କ ବଂଶରେ ଅହେମଦୀୟତ ତାଙ୍କ ବାପାଙ୍କର ଜେଜେ ମୁହମ୍ମଦ ଦୀନ୍ ସାହେବ୍‌ଙ୍କ ଜରିଆରେ ଆସିଥିଲା । ସେ ତହସିଲ୍ ଜିରାଃ ଜିଲ୍ଲା ଫିରୋଜପୁରର ଗୋଟିଏ ଗ୍ରାମ ମଲ୍‌ସୟାଂ ର ନିବାସୀ ଥିଲେ । ସେ ନିଜ ଭାଇ ମୁକରମ୍ ଇଲ୍ଲାହି ବଶ୍ ସାହେବଙ୍କ ସହିତ ୧୯୦୭ ମସିହାରେ ଚିଠିଦ୍ୱାରା ବୟତ କରିଥିଲେ ଏବଂ ୧୯୦୮ ଜଲ୍‌ସା ସାଲାନା କାଦିଆନ୍‌ରେ ହଜ୍‌ରତ୍ ଖଲିଫତୁଲ୍ ମସିହି ର:ଅଙ୍କ ହାତରେ ବୟତ କରିବାର ସୌଭାଗ୍ୟ ପାଇଥିଲେ । ମରହୁମ୍ ନସୀର୍ ସାହେବ୍‌ଙ୍କୁ ରାଜନ୍‌ପୁରଠାରେ ନାଏବ୍ ଅମୀର୍ ଜିଲ୍ଲା ବ୍ୟତିତ ନାଏବ୍ ଜଇମ୍ ଅନ୍‌ସାରୁଲ୍ଲାଃ ଏବଂ ସଦର ଯମାତ୍ ରୂପେ ଖିଦମତ୍ କରିବାର ସୌଭାଗ୍ୟ ମିଳିଛି । ସେ ପାଂଚବେଳା ବାଯମାତ୍ ନମାଜ୍ ନିୟମିତ ପାଠ କରୁଥିଲେ । ତାଙ୍କର ଜଏଂଟ ଫ୍ୟାମିଲି ସିଷ୍ଟମ ଥିଲା ତେଣୁ ଘରେ ଉପସ୍ଥିତ ଥିବା ସମସ୍ତ ଭାଇ, ପୁତୁରା ଓ ଝିଆରି ମାନଙ୍କୁ ନମାଜ ସମୟରେ ବାରମ୍ବାର ନମାଜ ପଢ଼ିବା ପାଇଁ ମନେ ପକାଇଦେଉଥିଲେ । ଫଜର୍ ସମୟରେ ସମ୍ପୂର୍ଣ୍ଣ କୋଠୀର ଚକର ଲଗାଉଥିଲେ । ତାଙ୍କର ବହୁତ ବଡ଼ କୋଠି ଥିଲା ସେଥିରେ ଏମାନେ ସମସ୍ତେ ଏକାଠି ରହୁଥିଲେ । ତା' ଭିତରେ ବହୁତ ଗୁଡ଼ିଏ ଘର ଥିଲା । ସମସ୍ତଙ୍କୁ ଫଜର୍ ନମାଜ ପଢ଼ିବାପାଇଁ ଜଗାଇ ଦେଉଥିଲେ । ପବିତ୍ର କୋରାନ୍‌ର ଆବୃତି ନିଜେ ମଧ୍ୟ କରୁଥିଲେ ଓ ଲୋକମାନଙ୍କୁ ମଧ୍ୟ, ନିଜ ବନ୍ଧୁବାନ୍ଧବମାନଙ୍କୁ ମଧ୍ୟ, ଯେଉଁ ପିଲାମାନେ ମଧ୍ୟ ଥିଲେ ସମସ୍ତଙ୍କୁ ଏକଥା ପଚାରୁଥିଲେ ଓ ସେମାନେ ଅବହେଳା କରିବା ସମୟରେ ସେମାନଙ୍କୁ ଉପଦେଶ ଦେଉଥିଲେ ଯେ, ନିୟମିତ ଏହି କାର୍ଯ୍ୟକୁ ସମ୍ପାଦନ କର । ହଜରତ ମସିହ ମଉଦ ଆ:ସଙ୍କ ପୁସ୍ତକ ଗୁଡ଼ିକର ଅଧ୍ୟୟନ ନିଜେ ମଧ୍ୟ କରୁଥିଲେ ଓ ନିଜର ପିଲାମାନଙ୍କୁ, ନିକଟ ସମ୍ପର୍କୀୟମାନଙ୍କୁ ଓ ନିଜ ଭାଇ ବନ୍ଧୁମାନଙ୍କୁ ମଧ୍ୟ ପ୍ରୋତ୍ସାହିତ କରୁଥିଲେ । ସେହିଭଳି ଏମ୍‌ଟିଏ ଦ୍ୱାରା ନିୟମିତ ଖୁତ୍‌ବା ଶୁଣୁଥିଲେ ଓ ଏକଥାକୁ ନିଶ୍ଚିତ ମନାଇ ଦେଉଥିଲେ ଯେ, ସମସ୍ତେ ଅର୍ଥାତ ଯେଉଁମାନେ ଏ କୋଠୀ ଭିତରେ ରହୁଛନ୍ତି, ସମସ୍ତେ ଖୁତ୍‌ବା ଶୁଣିସାରିଛନ୍ତି କି ନୁହେଁ । ଭୀଷଣ ବିରୋଧ ହେବା ସତ୍ୱେ ମଧ୍ୟ ତବ୍‌ଲିଗ୍ କରିବାର କୌଣସି ଅବସରକୁ ହାତଛଡ଼ା କରୁନଥିଲେ ଏବଂ ଯଦି ଘର ଲୋକମାନେ ସର୍ତକତା ଅବଲମ୍ବନ କରିବା ପାଇଁ ଏକଥା କହୁଥିଲେ ଯେ, ଅବସ୍ଥା ଠିକ୍ ନାହିଁ ତେଣୁ ସର୍ତକ ରୁହନ୍ତୁ ସେତେବେଳେ ସେ ଏମିତି ତାଙ୍କର ଉତର ଦେଉଥିଲେ କି, ମୁଁ ଅଲ୍ଲାଃ ତାଲାଙ୍କୁ କି ପ୍ରକାର ମୁହଁ ଦେଖାଇବି ଯେ, ତାହା ଦ୍ୱାରା ପ୍ରେରଣ କରାଯାଇଥିବା ବାର୍ତାକୁ ଲୋକମାନଙ୍କ ନିକଟରେ ମୁଁ ପହଂଚାଇପାରିନାହିଁ । ମରହୁମ୍ ମୁସି ଥିଲେ । ତାଙ୍କ ଅନ୍ତେ ତାଙ୍କ ସ୍ତ୍ରୀଙ୍କ ବ୍ୟତିତ ଗୋଟିଏ ଝିଅ ଓ ତିନିଜଣ ପୁତ୍ର ସନ୍ତାନ ଅଛନ୍ତି । ତାଙ୍କର ଜଣେ ପୁତ୍ର ଖାଲିଦ୍ ଅହେମଦ୍ ସାହେବ୍ ହେଉଛନ୍ତି ମୁରବୀ ସିଲ୍‌ସିଲା ଯିଏ ଆଜିକାଲି ମାଲି ଦେଶ (ପଶ୍ଚିମ ଆଫ୍ରିକା) ରେ ଖିଦ୍‌ମତ୍ କରିବାର ସୌଭାଗ୍ୟ ପାଉଅଛନ୍ତି ଓ ସେଠି କର୍ମକ୍ଷେତ୍ରରେ କାର୍ଯ୍ୟକରୁଥିବା ଯୋଗୁଁ ସେ ଯନାଜାଃରେ ସାମିଲ ହୋଇପାରିନଥିଲେ । ଅଲ୍ଲାଃ ତାଲା ମରହୁମ୍‌ଙ୍କ ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ । ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟ କାର୍ଯ୍ୟଗୁଡ଼ିକୁ ଜାରି ରଖିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଜନାଯାଃ ଟି ହେଉଛି

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ବଦରୀ ସାହାବା ହଜରତ ହିଲାଲ୍ ବିନ୍ ଉମୈୟା ୱାକିଫି ରଜିୟଲ୍ଲାହୋ ଅନ୍‌ହୁମ୍‌ଙ୍କ ପବିତ୍ର ଜୀବନ ଚରିତର ବର୍ଣ୍ଣନା**

**ତବୁକ୍ ଯୁଦ୍ଧ ଅବସରରେ ପଛରେ ରହିଯାଇଥିବା ସାହାବାମାନଙ୍କୁ ମୁକାତିଆ ଅର୍ଥାତ ବାଏକଟ ଏବଂ ସେମାନଙ୍କ କ୍ଷମା ସମ୍ବନ୍ଧରେ ପୂର୍ଣ୍ଣ ବିବରଣୀର ବର୍ଣ୍ଣନା**

**ୱକ୍‌ଫେ ନୌ ମର୍‌କଜିୟ (ୟୁକେ)ର ୱେବସାଇଟର ସୁଭାରମ୍ଭ ହେବାର ଘୋଷଣା ଏବଂ ସଂକ୍ଷିପ୍ତ ପରିଚୟ**

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
(ପ୍ରଦତ୍ତ: ୦୬ ଡ଼ିସେମ୍ବର ୨୦୧୯ ଅନୁଯାୟୀ ୦୬ ଫତହ୍ ୧୩୯୮ ହିଜ୍‌ରି ଶମ୍‌ସି)

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନୱର ଅ.ବ କହିଲେ ଆଜି ମୁଁ ଯେଉଁ ବଦରୀ ସାହାବାଙ୍କ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରେ ପ୍ରଥମ ସାହାବୀ ହେଲେ ହଜରତ ହିଲାଲ୍ ବିନ୍ ଉମୟା ୱାକ୍‌ଫି । ସେ ଅନ୍‌ସାରଙ୍କ କବିଲ ଅଓ୍ୱସ୍ ବଂଶର ବନୁ ୱାକିଫ୍ ସହିତ ସମ୍ପର୍କ ରଖିଥିଲେ । ତାଙ୍କ ବାପାଙ୍କ ନାମ ଉମୈୟା ବିନ୍ ଆମିର୍ ଏବଂ ମାଆଙ୍କ ନାମ ଅନିସା ବିନ୍‌ତେ ହିଜମ୍ ଥିଲା, ଯିଏ ହଜରତ କୁଲ୍‌ସୁମ୍ ବିନ୍ ହିଜମ୍‌ଙ୍କ ଭଉଣୀ ଥିଲେ । ହଜରତ କୁଲ୍‌ସୁମ୍ ବିନ୍ ହିଜମ ସେହି ସାହାବୀ ଅଟନ୍ତି ଯାହାଙ୍କ ଘରେ ରସୁଲୁଲ୍ଲାଃ ସ:ଆ:ସ ମଦିନା ହିଜ୍‌ରତ୍ କରିବା ଅବସରରେ କୁବାଠାରେ ରହିଥିଲେ *(ଉସ୍‌ଦୁଲ୍ ଗାବାଃ...... ଖଣ୍ଡ-୫, ପୃ-୩୮୦ ରୁ ୩୮୧.... ଦାରୁଲ କୁତୁବୁଲ୍ ଅଲମିୟା ବେରୁତ ୨୦୦୩) (ମାରେଫତୁଲ୍ ସାହାବା ଖଣ୍ଡ-୪, ପୃ-୩୮୩ ହଦିସ୍ ନଂ-୨୯୯୫...... ଦାରୁଲ କୁତୁବୁଲ୍ ଅଲମିୟା ବେରୁତ ୨୦୦୨) ।*

ହଜରତ ହିଲାଲ ବିନ୍ ଉମୈୟା ଦୁଇଥର ବିବାହ କରିବାର ଉଲ୍ଲେଖ ରହିଛି ପ୍ରଥମ ଜଣଙ୍କୁ ପ୍ରଥମ ସ୍ତ୍ରୀଙ୍କର ନାମ ଫୁରୟା ବିନ୍‌ତେ ମାଲିକ୍ ବିନ୍ ଦୁଖ୍‌ସୁମେ ଯେବେ କି ଦ୍ୱିତୀୟ ସ୍ତ୍ରୀଙ୍କ ନାମ ମୁଲୈକା ବିନ୍‌ତେ ଅବଦୁଲ୍ଲାଃ ଥିଲା । ତାଙ୍କର ଦୁଇଜଣଯାକ ସ୍ତ୍ରୀଙ୍କୁ ଇସ୍‌ଲାମ୍ ଗ୍ରହଣ କରିବାର ସୌଭାଗ୍ୟ ମିଳିଥିଲା ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ହାତରେ ସେମାନେ ବୟତ କରିଥିଲେ *(ତବକାତୁଲ୍ କୁବ୍‌ରା ଖଣ୍ଡ-୮, ପୃ- ୨୮୨, ୨୮୫....... ଦାରୁଲ କୁତୁବୁଲ୍ ଅଲମିୟା ବେରୁତ ୧୯୯୦)*

ହଜରତ ହିଲାଲ୍ ବିନ୍ ଉମୟା ପ୍ରାରମ୍ଭିକ ମୁସଲମାନମାନଙ୍କ ମଧ୍ୟରୁ ଜଣେ ଥିଲେ । ଏବଂ ସେ ବନୁୱାକିଫ କବିଲାର ପ୍ରତିମାକୁ ଭାଙ୍ଗି ଦେଇଥିଲେ ଏବଂ ମକା ବିଜୟ ଦିନ ତାଙ୍କର କୌମ୍‌ର ଧ୍ୱଜା ତାଙ୍କ ନିକଟରେ ଥିଲା । *(ଉସଦୁଲ୍ ଗାବାଃ........ ଖଣ୍ଡ-୫, ପୃ-୩୮୧.... ଦାରୁଲ କୁତୁବୁଲ୍ ଅଲମିୟା ବେରୁତ ୨୦୦୩) ।*

ହଜରତ ହିଲାଲ୍ ବିନ୍ ଉମେୟା ର:ଅଙ୍କୁ ବଦର, ଓ୍ୱହଦ୍ ଏବଂ ତା'ପରେ ଘଟିଥିବା ଯୁଦ୍ଧଗୁଡ଼ିକରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଯୋଗ ଦେବାର ସୌଭାଗ୍ୟ ହାସଲ ହୋଇଥିଲା । ହଜରତ ହିଲାଲ୍ ବିନ୍ ଉମୟାଙ୍କର ସେଭଳି କିଛି ଅସୁବିଧା ନଥିବା ସତ୍ୱେ ମଧ୍ୟ ସେ ତବୁକ୍ ଯୁଦ୍ଧରେ ସାମିଲ ହୋଇପାରି ନଥିଲେ । ଇବ୍‌ନେ ହୁସାମ୍ ବଦ୍‌ରୀ ସାହାବୀ ମାନଙ୍କର ଯେଉଁ ସୂଚୀ ନିଜ ପୁସ୍ତକରେ ଉଲ୍ଲେଖ କରିଛନ୍ତି ସେଥିରେ ହଜରତ ହିଲାଲ୍ ର:ଅଙ୍କ ନାମ ସାମିଲ ହୋଇନାହିଁ ଯେବେ କି ସହି ବୁଖାରୀରେ ତାଙ୍କୁ ବଦରୀ ସାହାବାମାନଙ୍କ ମଧ୍ୟରେ ଗଣା ଯାଇଛି । *(ଅଲ୍‌ଅସାବା........ ପୃ-୪୨୮...... ଦାରୁଲ କୁତୁବୁଲ୍ ଅଲମିୟା ବେରୁତ ଲେବ୍‌ନାନ ୨୦୦୫) (ଉସ୍‌ଦୁଲ୍ ଗାବାଃ....... ଖଣ୍ଡ-୫, ପୃ-୩୮୧.... ଦାରୁଲ କୁତୁବୁଲ୍ ଅଲମିୟା ବେରୁତ ୨୦୦୩) (ସହି ବୁଖାରୀ କିତାବୁଲ୍ ମଗାଜି....... ଅହ୍‌ହଲେ ବଦର୍) ।*

ତାଙ୍କ ସହିତ ଆଉ ଦୁଇ ଜଣ ସାହାବୀ କାବ୍ ବିନ୍ ମାଲିକ୍ ଓ ମରାରାଃ ବିନ୍ ରବି ମଧ୍ୟ ଉକ୍ତ ଯୁଦ୍ଧରେ ସାମିଲ ହୋଇ ନଥିଲେ । ସେମାନଙ୍କ ସମ୍ବନ୍ଧରେ ପବିତ୍ର କୁରଆନରେ ନିମ୍ନ ପଙ୍‌କ୍ତି ଅବତୀର୍ଣ୍ଣ ହୋଇଥିଲା **ୱଅଲସ୍ ସଲାସତିଲ୍ ଲଜିନା ଖୁଲ୍‌ଲିଫୁ ହତ୍‌ତା ଇଜା ଜାକତ୍ ଆଲୈହିମୁଲ୍ ଅର୍‌ଜୁ ବିମା ରହୁବତ୍ ୱଜାକତ୍ ଆଲୈହିମ୍ ଅନ୍‌ଫୁସୁହୁମ୍ ୱଜନ୍‌ନୁ ଅଲ୍ଲାମଲ୍‌ଜାଆ ମିନଲ୍ଲାହି ଇଲ୍ଲା ଇଲୈହ୍ । ସୁମ୍ମା ତାବା ଆଲୈହିମ୍ ଲିୟତୁବୁ ଇନ୍ନଲ୍ଲାହା ହୁଓ୍ୱତ୍‌ତଓ୍ୱାବୁର୍ ରହିମ୍** *(ଅଲ୍‌ତୌବା: ୧୧୮)* ଅର୍ଥାତ ସେହି ତିନି ଜଣଙ୍କ ଉପରେ ମଧ୍ୟ ଯେଉଁମାନେ ପଛରେ ରହି ଯାଇଥିଲେ, ଏପରିକି ପୃଥିବୀ ପ୍ରଶସ୍ତ ଥାଇ ମଧ୍ୟ ସେମାନଙ୍କ ପାଇଁ ଭାରାକ୍ରାନ୍ତ ହୋଇଥିଲା ଏବଂ ଏହା ସେମାନଙ୍କ ହୃଦବୋଧ ହୋଇଥିଲା ଯେ ଅଲ୍ଲାଃଙ୍କ କୋପରୁ ରକ୍ଷା ପାଇବା ସକାଶେ ତାହାଙ୍କ ବିନା ଅନ୍ୟ କୌଣସି ଆଶ୍ରୟ ନାହିଁ । ତା'ପରେ ଅଲ୍ଲାଃ ସେମାନଙ୍କ ଅବସ୍ଥା ଲକ୍ଷ୍ୟ କରି ସେମାନଙ୍କ ପ୍ରତି କୃପା କରିଥିଲେ । ଯେପରି କି ସେମାନେ ମଧ୍ୟ ଅନୁତାପ କରିବେ । ବାସ୍ତବରେ ଅଲ୍ଲାଃ ବାରମ୍ବାର ଅନୁତାପ ଗ୍ରହଣ କରନ୍ତି ଓ ବାରମ୍ବାର କରୁଣା କରନ୍ତି । *(ଉସ୍‌ଦୁଲ୍ ଗାବାଃ....... ଖଣ୍ଡ-୫, ପୃ-୩୮୧.... ଦାରୁଲ କୁତୁବୁଲ୍ ଅଲମିୟା ବେରୁତ ୨୦୦୩)* ।

ତବୁକ୍ ଯୁଦ୍ଧ ୯ହିଜରୀରେ ଘଟିଥିଲା । ସହି ବୁଖାରୀରେ ଏହାର ବିସ୍ତାର ବର୍ଣ୍ଣନା ଦରଜ ରହିଛି ଯେଉଁଥିରେ ଉକ୍ତ ତିନିଜଣ ସହାବାଙ୍କ ପଛରେ ରହିଯିବାର କାରଣ ଉଲ୍ଲେଖ ରହିଛି ।

ହଜରତ କାବ୍ ବିନ୍ ମାଲିକ୍‌ଙ୍କ ନାତି ଅବଦୁର୍ ରହେମାନ ନିଜ ପିତା ଅବଦୁଲ୍ଲାଃ ବିନ୍ କାବ୍‌ଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି କି ହଜରତ କାବ୍ ର:ଅ ଯେତେବେଳେ ଅନ୍ଧ ହୋଇଗଲେ ସେତେବେଳେ ସେ ତାଙ୍କୁ ଧରି ନେଇ ଯାଉଥିଲେ । ସେ ବତାଇଲେ ଯେ, ମୁଁ ହଜରତ କାବ୍ ବିନ୍ ମାଲିକଙ୍କୁ ସେ ଘଟଣା ବିଷୟରେ ବର୍ଣ୍ଣନା କରିବାର ଶୁଣିଛି । ଯେଉଁ ଲମ୍ବା ରିୱାୟତଟି ରହିଛି ତାହା ହଜରତ କାବ୍‌ଙ୍କ ସମ୍ବନ୍ଧରେ ରହିଛି । ହଜରତ ହିଲାଲ ବିନ୍ ଉମୈୟା ର:ଅ, ଯେଉଁ ସାହାବୀଙ୍କର ଏଠାରେ ଚର୍ଚ୍ଚା କରାଯାଉଛି ତାଙ୍କ କଥା ଉକ୍ତ ରିୱାୟତ ମଝିରେ ବର୍ଣ୍ଣନା ରହିଛି ।

ସେ ଯାହା ହେଉ ସେ କହୁଛନ୍ତି ଯେ, ହଜରତ କାବ୍ ବିନ୍ ମାଲିକ୍ କୁହନ୍ତି ମୁଁ ତବୁକ୍ ଯୁଦ୍ଧ ବ୍ୟତୀତ କୌଣସି ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ହେବାରେ ପଛରେ ରହି ନାହିଁ । ହଁ ବଦର ଯୁଦ୍ଧ ସମୟରେ ମୁଁ ମଧ୍ୟ ପଛରେ ରହିଯାଇଥିଲି ଏବଂ ଆଁ ହଜରତ ସ:ଆ:ସ ସେହି ଯୁଦ୍ଧରେ ପଛରେ ରହିଯାଇଥିବା ଲୋକମାନଙ୍କ ଉପରେ କାହାଙ୍କ ପ୍ରତି ନାରାଜ ହୋଇନଥିଲେ । ହଜୁର ସ.ଅ କେବଳ କୁରୈଶଙ୍କ ପଥ ଅବରୋଧ କରିବା ଉଦ୍ଦେଶ୍ୟରେ ମଦିନାରୁ ତବୁକ୍ ଅଭିମୁଖେ ଯାତ୍ରା କରିଥିଲେ କିନ୍ତୁ ଅଲ୍ଲାଃଙ୍କ ବିଧାନ କିଛି ଭିନ୍ନ ଥିଲା ଯଦ୍ୱାରା ସେମାନେ ଶତ୍ରୁ ସହ ମୁହାଁମୁହିଁ ହୋଇଗଲେ । ଏବଂ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଅକ୍‌ବା ର ରାତିରେ ମଧ୍ୟ ଉପସ୍ଥିତ ଥିଲି । ବଦର ଘଟଣାକୁ ବର୍ଣ୍ଣନା କରି ସେ କହୁଛନ୍ତି ଯେ, ମୁଁ ବଦରରେ ସାମିଲ ହୋଇନଥିଲି କିନ୍ତୁ ସାମିଲ ନ ହୋଇଥିବା ଯୋଗୁଁ ଆଁ ହଜରତ ସ:ଆ:ସ କୌଣସି ପ୍ରକାରର ଅସନ୍ତୋଷ ପ୍ରକାଶ କରିନଥିଲେ । ସେ ଯାହା ହେଉ ସେ କହୁଛନ୍ତି ଯେତେବେଳେ ଆମେ ଅକ୍‌ବା ଠାରେ ଇସ୍‌ଲାମ ଉପରେ ପ୍ରତିଷ୍ଠିତ ରହିବା ପାଇଁ ଦୃଢ଼ ପ୍ରତିଜ୍ଞା କରିଥିଲୁ ଓ ମୁଁ ଏହା ଚାହୁଁନଥିଲି ଯେ, ସେହି ରାତିର ପ୍ରତିବଦଳରେ ମତେ ବଦର ଯୁଦ୍ଧରେ ଯୋଗଦେବା ପାଇଁ ଅବସର ମିଳିଥାନ୍ତା ଯଦିଚ ବଦର ଯୁଦ୍ଧ ଲୋକମାନଙ୍କ ମଧ୍ୟରେ ଅଧିକ ପ୍ରସିଦ୍ଧ । ସେ କୁହନ୍ତି ମୋର ଅବସ୍ଥା କିଛି ଏଭଳି ଥିଲା କି ମୁଁ ଏହା ପୂର୍ବରୁ କଦାପି ସେଭଳି ସୁସ୍ଥସବଳ ଓ ସୁଖୀ ନଥିଲି ଯେପରି ତବୁକ୍ ଯୁଦ୍ଧରେ ସାମିଲ ହେବାରୁ ପଛରେ ରହିଯିବା ସମୟରେ ଥିଲା । ଏହା ପୂର୍ବରୁ କଦାପି ମୋ ନିକଟରେ ଆରୋହଣ କରିବା ପାଇଁ (ଏକାଧିକ) ଓଟ ମଧ୍ୟ ଏକାଠି ହୋଇନଥିଲେ । ଏବଂ ଏହି ଯୁଦ୍ଧ ଚାଲିଥିବା ସମୟରେ ବାହାନ ପାଇଁ ଦୁଇଟି ଓଟ ଏକାଠି କରିନେଇଥିଲେ ଏବଂ ରସୁଲୁଲ୍ଲାଃ ସ:ଆ:ସ ଯେଉଁ କୌଣସି ଯୁଦ୍ଧର ଅଭିଯାନ ବେଳେ ଆପଣ ସ:ଆ:ସ ତାହାକୁ ଗୋପନ ରଖି ଅନ୍ୟ କେଉଁଆଡ଼କୁ ଯିବାର ପ୍ରକାଶ କରୁଥିଲେ । ସାଧାରଣତଃ ଯୁଦ୍ଧର ଯେଉଁ ପ୍ରଣାଳି ରହିଛି ସେଥିଯୋଗୁଁ ଆଁ ହଜରତ ସ:ଆ:ସ ପ୍ରଥମତଃ ସେ କଥାକୁ ଗୋପନ ରଖୁଥିଲେ ଏବଂ ଦ୍ୱିତୀୟତଃ ଯାତ୍ରାକୁ ଲମ୍ବା କରିଦେଉଥିଲେ ବା ରାସ୍ତା ପରିବର୍ତନ କରିଦେଉଥିଲେ । ସେ

ଯାହା ହେଉ ସେ କହୁଛନ୍ତି ଯେ, ଯେତେବେଳେ ସେହି ଯୁଦ୍ଧ ଅନୁଷ୍ଠିତ ହେବାକୁ ଲାଗିଲା ହଜୁର ସ.ଅ ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ତବୁକ୍ ଅଭିମୁଖେ ବାହାରିଲେ ଏବଂ ଆପଣଙ୍କ ସମ୍ମୁଖରେ ଦୀର୍ଘ ଦୂରତା ଅତିକ୍ରମ କରିବା, ଅଜଣା ଜନଶୂନ୍ୟ ଅଂଚଳ ତଥା ବିଶାଳ ସଂଖ୍ୟାରେ ଶତ୍ରୁ ରହିଥିଲା । ଏଥିସମ୍ବନ୍ଧରେ ହଜୁର ସ.ଅ ମୁସଲମାନମାନଙ୍କୁ ଭଲ ରୂପେ ବୁଝାଇଦେଲେ, ଯଦ୍ୱାରା ସେମାନେ ଆକ୍ରମଣ ପାଇଁ ନିଜକୁ ପ୍ରସ୍ତୁତ କରିନେବେ । ହଜୁର ସ.ଅ ଓ ମୁସଲମାନମାନେ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ । ସେ କହୁଛନ୍ତି ଯେ, ଆଁ ହଜରତ ସ:ଆ:ସ ସେମାନଙ୍କୁ ସେହି ମାର୍ଗ ବିଷୟରେ ବତାଇଦେଲେ ଯେଉଁଆଡ଼କୁ ଆପଣ ସ:ଆ:ସ ଯିବାକୁ ଚାହୁଁଥିଲେ । ଏବଂ ମୁସଲମାନମାନେ ବହୁ ସଂଖ୍ୟାରେ ଆଁ ହଜରତ ସ:ଆ:ସଙ୍କ ସହିତ ଥିଲେ । ହଜରତ କାଆବ୍ ର:ଅ ଏକଥା କହୁଥିଲେ ଯେ, ଏପରି କୌଣସି ବ୍ୟକ୍ତି ମଧ୍ୟ ନଥିଲା ଯିଏ ଏହି ଯୁଦ୍ଧରୁ ଅନୁପସ୍ଥିତ ରହିବାକୁ ଚାହୁଁଥିବ । ସେ ଏକଥା ଭାବୁଥିଲା ଯେ, ତାହାଙ୍କ ଅନୁପସ୍ଥିତ ରହିବା କାଳେ ଆଁ ହଜରତ ସ:ଆ:ସଙ୍କ ଠାରୁ ଗୋପନ ରହିବ ଯେ ପର୍ଯ୍ୟନ୍ତ ସେ ସମ୍ବନ୍ଧରେ ଅଲ୍ଲାଃଙ୍କ ୱହି (ସ୍ୱର୍ଗବାଣୀ) ଅବତୀର୍ଣ୍ଣ ନ ରହିଛି ଏବଂ ରସୁଲୁଲ୍ଲାଃ ସ:ଆ:ସ ଏହି ଯୁଦ୍ଧ ସେ ସମୟରେ କରିଛନ୍ତି ଯେତେବେଳେ ଫଳ ପାଚି ସାରିଥିଲା ଏବଂ ଛାଇ ଭଲଭାବେ ହେଉଥିଲା ଅର୍ଥାତ ମୌସମ୍ ମଧ୍ୟ ଗରମ ଥିଲା । ଏହି ସମୟରେ ଆଁ ହଜରତ ସ:ଆ:ସଙ୍କ ସହିତ ମୁସଲମାନମାନେ ମଧ୍ୟ ଅଭିଯାନରେ ଯାତ୍ରା କରିବାପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ । ମୁଁ ସକାଳରୁ ଘରୁ ବାହାରି ଯାଏ ଯଦ୍ୱାରା ଯାତ୍ରା ପାଇଁ ପ୍ରସ୍ତୁତି କରିପାରିବି କିନ୍ତୁ କିଛି ନକରିପାରି ଫେରିଆସେ ଏବଂ ମନେମନେ କୁହେ ମୋ ନିକଟରେ ସାଜସଜ୍ଜା ରହିଛି ତେଣୁ ମୁଁ ପ୍ରସ୍ତୁତି କରିନେବି, ମୋର ଏହି ଭୋଳାପଣ ମୋତେ ଭାବନା ଜଗତରେ ସୀମିତ ରଖିଦେଲା, ଇତି ମଧ୍ୟରେ ମୁସଲମାନମାନେ ପ୍ରସ୍ତୁତ ହୋଇ ହଜୁର ସ.ଅଙ୍କ ସାଥିରେ ବାହାରିଗଲେ । ତଥାପି ମୁଁ ଯାତ୍ରା ପାଇଁ ନିଜକୁ କାଣିଚାଏ ପ୍ରସ୍ତୁତି କରିପାରିଲି ନାହିଁ । ପୁନଶ୍ଚ ମନସ୍ଥ କଲି କି ଆପଣ ବାହାରିବାର ଦିନେ ଦୁଇଦିନ ମଧ୍ୟରେ ପ୍ରସ୍ତୁତ ହୋଇ ଆପଣଙ୍କ ସହ ମିଳିତ ହୋଇଯିବି । ସେ କୁହନ୍ତି ଏହା ପରେ ମଧ୍ୟ ମୁଁ ବାହାରି ପାରିଲି ନାହିଁ ଏବଂ ମୋର ଅବସ୍ଥା ଅପରିବର୍ତୀତ ରହିଗଲା, ଅପର ପାର୍ଶ୍ୱରେ ସୈନ୍ୟଦଳ ବେଶ୍ ଦୂରତା ଅତିକ୍ରମ କରିଗଲେ । ମୁଁ ମଧ୍ୟ ଅଭିଯାନରେ ବାହରିବା ପାଇଁ ମନସ୍ତ କରିଦେଲି ଓ ଏକଥା ଭାବିଲି ଯେ, ସେମାନଙ୍କ ସହିତ ଯାଇ ମିଶିଯିବି । କାଳେ ମୁଁ ଏପରି କରିପାରିଥାନ୍ତି କିନ୍ତୁ ମତେ ଏହାର ଶକ୍ତି ମିଳିନଥିଲା ତେଣୁ ମୁଁ ଯାଇପରିଲି ନାହିଁ । ରସୁଲୁଲ୍ଲାଃ ସ:ଆ:ସଙ୍କ ଯିବାପରେ ଯେତେବେଳେ ମଧ୍ୟ ମୁଁ ଏହି ଲୋକମାନଙ୍କ ମଧ୍ୟରେ ବାହାରିଥାଏ ଓ ସେମାନଙ୍କ ଗହଣରେ ଚଲାବୁଲା କରିଥାଏ ସେତେବେଳେ ମତେ ଏକଥା ବହୁତ ଦୁଃଖ ଦେଇଥାଏ  କାରଣ ଯେଉଁମାନେ ପଚରେ ରହିଯାଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କୁ ଏପରି ଦେଖିବାକୁ ପାଏ ଯେଉଁମାନଙ୍କୁ ସେମାନଙ୍କ ବିଶ୍ୱାସଘାତକତା ଯୋଗୁଁ ନିଚ ଆଖିରେ ଦେଖାଯାଉଥିଲା । ସେ କହୁଛନ୍ତି ଯେତେବେଳେ ମୁଁ ମଦିନାର ଗଳିକନ୍ଦିରେ ବାହାରେ ସେତେବେଳେ ମୁଁ ସେହି ଲୋକମାନଙ୍କୁ ଦେଖିଥାଏ ଯେଉଁମାନଙ୍କ ସମ୍ବନ୍ଧରେ ସାଧାରଣତଃ ଏ ମନଭାବ ପୋଷଣ ହେଉଥିଲା ଯେ, ସେମାନଙ୍କଠାରେ ବିଶ୍ୱାସଘାତକତା ମିଳିଥାଏ ବା ଦୁର୍ବଳ ଲୋକମାନଙ୍କ ମଧ୍ୟରୁ ଯାହାଙ୍କୁ ଅଲ୍ଲାଃ ତାଲା ବିକଳାଙ୍କ କରିଦେଇଥିଲା ବା ସେମାନେ ଭିନ୍ନକ୍ଷମ ଥିଲେ । ବା ଏପରି ଲୋକଥିଲେ ଯେଉଁମାନେ କାପୁରୁଷ ଥିଲେ ଓ ସେମାନଙ୍କ ହୃଦୟ ଭିତରେ ବିଶ୍ୱାସ ଘାତକତା ଥିଲା । ହଜୁର ସ.ଅ ତବୁକ୍‌ରେ ପହଂଚିବା ପୂର୍ବରୁ ମୋତେ ମନେ ପକେଇଲେ ନାହିଁ କିନ୍ତୁ ତବୁକ୍‌ରେ ସହାବାମାନଙ୍କ ଗହଣରେ ବସିଥିବା ସମୟରେ ପଚାରି ବୁଝିଲେ କାବ୍ କାହାନ୍ତି ? ବନୁ ସଲ୍‌ମା ମଧ୍ୟରୁ ଜଣେ ବ୍ୟକ୍ତି କହିଲେ ହଜୁର ତାକୁ ତାହାର ଦୁଇ ଚଦର ଏବଂ ତାହାର ବାମ ଓ ଦକ୍ଷିଣ ପାର୍ଶ୍ୱକୁ ଦେଖିବା ଯୁଦ୍ଧରେ ସାମିଲ ହେବାରୁ ବଂଚିତ ରଖିଦେଲା । ଅର୍ଥାତ ପ୍ରଥମତଃ ବୋଧ ହୁଏ ଟଙ୍କାପଇସା ଆସିଗଲା ଅଥବା କୌଣସି ଗର୍ବ ଅହଙ୍କାର ସୃଷ୍ଟି ହୋଇଗଲା ତେଣୁ ଆସିପାରିଲେ ନାହିଁ । ହଜରତ ମାଆଜ୍ ବିନ୍ ଜବଲ୍ ର:ଅ ଏ କଥା ଶୁଣି କହିଲେ ତୁମେ ଯେଉଁ କଥା କହିଲ ତାହା କେତେ ଖରାପ କଥା । ସେ କହିଲେ ନୁହେଁ ଏପରି କଥା ହୋଇନାହିଁ । ଏହା ଶୁଣି ହଜରତ ମାଜ୍ ବିନ୍ ଜବଲ୍ କହିଲେ ତାଙ୍କ ସମ୍ବନ୍ଧରେ ଆମର ଅଭିଜ୍ଞତା ସକରାତ୍ମକ ଅଟେ । କାରଣ ତାଙ୍କ ଅନ୍ତରରେ ନା ଗର୍ବ, ଅହଂଭାବ ରହିଛି ନା କପଟପଣ । ହଜୁର ଏହା ଶୁଣି ନିରବ ରହିଲେ ।

ହଜରତ କାବ ବିନ୍ ମାଲିକ୍ କୁହନ୍ତି ଯେତେବେଳେ ମୋତେ ଏହି ଖବର ପହଂଚିଲା କି ହଜୁର ସ.ଅ ପତ୍ୟାବର୍ତନ କରୁଛନ୍ତି ସେତେବେଳେ ମୋତେ ଚିନ୍ତା ଘାରିଲା ଏବଂ ମୁଁ ବିଭିନ୍ନ ବାହାନା କରିବା କଥା ଚିନ୍ତାକଲି କି କେଉଁ କାରଣ ଦର୍ଶାଇ ଆପଣଙ୍କ କୋପରୁ ରକ୍ଷା ପାଇବି । କୌଣସି ଆଳ ଦେଖାଇବି ତେଣୁ ନିଜ ଘର ଲୋକଙ୍କଠାରୁ ମୁଁ ଏ ସମ୍ବନ୍ଧରେ ପରାମର୍ଶ ନେଲି ଲୋକମାନଙ୍କୁଠାରୁ ମଧ୍ୟ ପଚାରିବୁଝିଲି ଯେ, କ'ଣ ବାହାନା ହୋଇପାରେ **କିନ୍ତୁ ଯେତେବେଳେ ହଜୁର ସ.ଅ ମଦିନାରେ ପହଂଚିଗଲେ ସେତେବେଳେ ମୋ ହୃଦୟରୁ ସମସ୍ତ ମନ୍ଦ ଚିନ୍ତା ଉଭେଇଗଲା ଏବଂ ମୁଁ ଜାଣିନେଲି ଯେ ମୁଁ କଦାପି ମିଥ୍ୟା ବଚନ ମାଧ୍ୟମରେ ଆପଣଙ୍କ କୋପରୁ ବର୍ତୀ ପାରିବି ନାହିଁ ।** ତେଣୁ ମୁଁ ସତ କଥା କହିବାର ନିଶ୍ଚୟ କରିନେଲି । ଏବଂ ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ପଦାର୍ପଣ କଲେ ଅର୍ଥାତ ଯେବେ ଆଁ ହଜରତ ସ:ଆ:ସ କୌଣସି ଯାତ୍ରା ଶେଷ କରି ଆସନ୍ତି ସର୍ବପ୍ରଥମେ ମସଜିଦ୍ ଯାଇଥାନ୍ତି ଓ ସେଠାରେ ଦୁଇ ରେକାତ୍ ନଫିଲ୍ ନମାଜ ପଢ଼ିଥାନ୍ତି ତା'ପରେ ପୁଣି ଲୋକମାନଙ୍କ ସହିତ ସାକ୍ଷାତ କରିବାପାଇଁ ବସିଯାଆନ୍ତି । ଯେତେବେଳେ ଆପଣ ମସଜିଦ୍‌ରେ ପ୍ରବେଶ କଲେ ସେତେବେଳେ ପଛରେ ରହିଯାଇଥିବା ଲୋକମାନେ ଆପଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ ନିଜ ପଛରେ ରହିଯିବାର କାରଣ ଦର୍ଶାଇବା ଆରମ୍ଭ କରିଦେଲେ । ପ୍ରତ୍ୟେକ ବ୍ୟକ୍ତି ବାହାନା କରିବାକୁ ଲାଗିଲେ ଯେ, ସେମାନଙ୍କର ନ ଯିବାର କ'ଣ କାରଣ ଥିଲା ଓ ରାଣ ଖାଇ ଏକଥା କହିଲେ, ଏହିପରି ଲୋକମାନଙ୍କର ସଂଖ୍ୟା ୮୦ରୁ କିଛି ଅଧିକ ଥିଲା ଯେଉଁମାନେ ଏହିପ୍ରକାର ରାଣ ଖାଇ ଭୁଲ୍ ସାକ୍ଷ୍ୟ ପ୍ରଦାନ କରି ବାହାନା କରୁଥିଲେ । ହଜୁର ସ.ଅ ତାଙ୍କ ପ୍ରକାଶ୍ୟ ଛଳନା ସ୍ୱୀକାର କରିନେଲେ ଏବଂ ସେମାନଙ୍କ ଠାରୁ ବୈଅତ ନେଇ ସେମାନଙ୍କ ପାଇଁ କ୍ଷମା ଯାଚନା କରି ତାଙ୍କ ମାମଲା ଅଲ୍ଲାଃଙ୍କ (ନିଷ୍ପତି) ଉପରେ ଛାଡ଼ିଦେଲେ । ସେ କହିଲେ ଠିକ୍ ଅଛି ପ୍ରକାଶ୍ୟରେ ତୁମେ ଯେତେବେଳେ ଏକଥା କହୁଛ ମୁଁ ଏହାକୁ ମାନି ନେଉଛି ଅଲ୍ଲାଃ ତାଲା ତୁମକୁ କ୍ଷମା କରନ୍ତୁ ବାକି ଏ ଯେଉଁ ମାମଲା ରହିଛି ତାହା ମୁଁ ଅଲ୍ଲାଃଙ୍କ ନିକଟରେ ନ୍ୟସ୍ତ କରୁଛି । ତା'ପରେ ମୁଁ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହୋଇ ସଲାମ କଲି, ହଜୁର ସ.ଅ ଅପ୍ରସନ୍ନ ବ୍ୟକ୍ତି ପରି ସ୍ମିତହାସ୍ୟ ପ୍ରକାଶ କଲେ ଏବଂ କହିଲେ ଆଗକୁ ଆସ ମୁଁ ଆପଣଙ୍କ ସମ୍ମୁଖରେ ଆସି ବସିଲି, ହଜୁର କହିଲେ କେଉଁ କାରଣରୁ ତୁମେ ପଛରେ ରହିଗଲ ? ଆମ ସହିତ କାହିଁକି ଯାତ୍ରା କଲ ନାହିଁ ? କ'ଣ ତୁମେ ଯାତ୍ରା କରିବା ପାଇଁ ଓଟ ଅବା ଘୋଡ଼ା କିଣି ନଥିଲ । ମୁଁ କହିଲି ଆଜ୍ଞା, ଅଲ୍ଲାଃଙ୍କ ରାଣ ଯଦି ଆପଣଙ୍କ ବ୍ୟତୀତ ମୁଁ ଅନ୍ୟ କାହା ସମ୍ମୁଖରେ ବସିଥାନ୍ତି ତେବେ କୌଣସି ବାହାନା କରି ତାହାର କ୍ରୋଧରୁ ବର୍ତୀ ଯିବାର ଦକ୍ଷାତ ରଖୁଅଛି । କିନ୍ତୁ ଯଦି ଆଜି ମୁଁ ମିଛ କହି ଆପଣଙ୍କୁ ରାଜି କରିନିଏ ତେବେ ଅଲ୍ଲାଃତାଲା ଖୁବ୍ ଶିଘ୍ର ମୋ ଉପରେ ଆପଣଙ୍କୁ ଅତିଷ୍ଟ ହେବାର ବ୍ୟବସ୍ଥା କରିଦେବେ । ଯଦି ମୁଁ ବର୍ତମାନ ସତ କହି ଆପଣଙ୍କ କ୍ରୋଧର ଶିକାର ହୁଏ ତେବେ ମୁଁ ଏତତ୍ ଦ୍ୱାରା ଅଲ୍ଲାଃଙ୍କ କ୍ଷମା ଲଭିବା ଆଶା ବାନ୍ଧିଛି । ତା'ପରେ ସେ କହି ଅଲ୍ଲାଃଙ୍କ ରାଣ ଯୁଦ୍ଧରେ ସାମିଲ ନହେବାର ମୋ ନିକଟରେ କୌଣସି କାରଣ ନଥିଲା, ଅଲ୍ଲାଃଙ୍କ ରାଣ ସେତେବେଳେ ମୁଁ ବେଶ୍ ସୁସ୍ଥସବଳ ଓ ସ୍ୱଚ୍ଛଳ ଅବସ୍ଥାରେ ଥିଲି । ଏହା ଶୁଣି ହଜୁର ସ.ଅ କହିଲେ ତୁମେ ସତ କହିଛ, ତା'ପରେ କହିଲେ ଉଠ ଏବଂ ଚାଲିଯାଅ ଯେପର୍ଯ୍ୟନ୍ତ କି ଅଲ୍ଲାଃ ତୁମ ସମ୍ବନ୍ଧରେ କୌଣସି ନିଷ୍ପତି କରିଦେଇ ନାହାନ୍ତି । ମୁଁ ଉଠି ଚାଲି ଆସିଲି ଏବଂ ମୋ ପଛରେ ବନୁ ସଲ୍‌ମାର କିଛି ଲୋକ ଚାଲିଆସିଲେ । ସେମାନେ ମୋତେ କହିଲେ ତୁମେ ହଜୁର ସ.ଅଙ୍କ ନିକଟରେ କିଛି ବାହାନା କରିପାରିଲ ନାହିଁ, ହଜୁର ସ.ଅଙ୍କ କ୍ଷମା ଯାଚନା କରିବା ତୁମ ଦୋଷକୁ କ୍ଷମା କରିଦେବାପାଇଁ ଯଥେଷ୍ଟ ଥିଲା । କାଆବ୍ ର:ଅ କହୁଛନ୍ତି ଯେ, ଅଲ୍ଲାଃଙ୍କ ରାଣ ଏହି ଲୋକମାନେ ମତେ ଅନାପ ସନାପ କହିଚାଲିଲେ ତେଣୁ ମୁଁ ଏ ସଂକଳ୍ପ କରିନେଲି ଯେ, ଫେରିଯାଇ ନିଜକୁ ମିଥ୍ୟାବାଦି ଅଭିହିତ କରିଦେବି ଅର୍ଥାତ ପୁନର୍ବାର ଆଁ ହଜରତ ସ:ଆ:ସଙ୍କ ଗୋଚରେ ଯାଇ ନିବେଦନ କରିବି ଯେ, ମୁଁ ପ୍ରଥମେ ଯେଉଁ କଥା କହିଥିଲି ତାହା ଭୁଲ୍ ଥିଲା, ଏହିପରି କୌଣସି ନା କୌଣସି ଆଳ ଦେଖାଇବି । ମୁଁ ସେମାନଙ୍କୁ ପଚାରିଲି କ'ଣ ମୋ ପରି ଆଉ କେହି ଅଛନ୍ତି ଯେ ହଜୁର ସ.ଅଙ୍କ ନିକଟରେ ଏପରି ସ୍ୱୀକାରୋକ୍ତି କରିଛନ୍ତି । ସେମାନେ କହିଲେ ହଁ ଆଉ ଦୁଇ ଜଣ ଅଛନ୍ତି ତାଙ୍କୁ ମଧ୍ୟ ହଜୁର ସେହି ଉତର ଦେଲେ ଯାହାକି ତୁମକୁ କହିଲେ । ମୁଁ କହିଲି ସେମାନେ କିଏ, ସେମାନେ କହିଲେ ଜଣେ ମରାରାଃ ବିନ୍ ରବି ଉମରୋ ଏବଂ ଅନ୍ୟ ଜଣେ ହିଲାଲ ବିନ୍ ଉମୟା ୱକ୍‌ଫି । ହଜରତ କାବ୍ କୁହନ୍ତି

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ୱହ୍‌ଦାଦାର୍ ଯେକୌଣସି ସ୍ତରର ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

ସେମାନେ ଏପରି ଦୁଇ ଜଣ ପୁଣ୍ୟବନ୍ତଙ୍କ କଥା କହିଲେ ଯେ ବଦର ଯୁଦ୍ଧରେ ସାମିଲ ଥିଲେ ଏବଂ ସେମାନେ ମୋ ପାଇଁ ନମୁନା ଥିଲେ । ଯେତେବେଳେ ଲୋକମାନେ ସେହି ଦୁଇଜଣଙ୍କ ବିଷୟରେ ମତେ କହିଲେ ମୁଁ ସେମାନଙ୍କ ନିକଟକୁ ବାହାରି ପଡ଼ିଲି । ଏବଂ ରସୁଲୁଲ୍ଲାଃ ସ:ଆ:ସ ମୁସଲମାନମାନଙ୍କୁ ଆମ ସହିତ କଥାବାର୍ତା କରିବା ପାଇଁ ମନା କରିଦେଲେ ।

ଯେତେବେଳେ ଏକଥା କୁହାଗଲା ଯେ, ହଁ ଆଉ ଦୁଇଜଣ ଅଛନ୍ତି ସେତେବେଳେ ମୋ ଭାବନା ଆସିଲା ଯେ, ଏହିଦୁଇଜଣ ହେଉଛନ୍ତି ବାସ୍ତବିକ ପୂଣ୍ୟବନ୍ତ କାରଣ ଏମାନେ ବଦର ଯୁଦ୍ଧରେ ମଧ ସାମିଲ ହୋଇଛନ୍ତି ତେଣୁ ମୁଁ ସେମାନଙ୍କ ସହିତ ଯାଇ ମିଶିଯିବି ଏବଂ କୌଣସି ପ୍ରକାର ଭୁଲ୍ ବାହାନା କରିବି ନାହିଁ । ସେ କହୁଛନ୍ତି ମୁଁ ସେମାନଙ୍କ ନିକଟକୁ ଚାଲିଗଲି ଓ ଏହି ଅବଧିରେ ଆଁ ହଜରତ ସ:ଆ:ସ ମୁସଲମାନମାନଙ୍କୁ ଆମ ସହିତ କଥାବାର୍ତା କରିବାପାଇଁ ମନା କରିଦେଲେ ଅର୍ଥାତ ଏହା ଏକପ୍ରକାରର ବାଏକଟ୍ ଥିଲା । ଲୋକମାନେ ଆମକୁ ଦେଖିଲା ମାତ୍ରେ ଏପରି ବାଟକାଟି ଚାଲି ଯାଉଥିଲେ ଯେପରି ଆମେ କୌଣସି ଅଜଣା ଅଚିହ୍ନା ଲୋକ । ଯେତେବେଳେ ଲୋକମାନଙ୍କୁ କଥାବାର୍ତା କରିବା ପାଇଁ ମନା କରିଦିଆଗଲା ସେମାନେ ଆମ ସମ୍ମୁଖକୁ ଆସୁନଥିଲେ ଓ ଆମଠାରୁ ଦୁରେଇ ରହୁଥିଲେ ଯେମିତି ସେମାନେ ଜାଣି ନାହାନ୍ତି ଏପରି କି ଏ ଭୁଇଁ ମଧ ମୋ ଆଖି ଆଗରେ ଉପରକୁ ଦେଖାଯାଉଥିଲା ମଦିନାର ଗଳିକନ୍ଦି ଏହି ସହର ଏହି ଭୂମି ମୋ ପାଇଁ ସମ୍ପୁର୍ଣ୍ଣ ରୂପେ ଅପରିଚିତ ହୋଇଗଲା ଏହା ମୁଁ ଯେ ଏପରି ଲାଗୁନଥିଲା ଯାହାକୁ ମୁଁ ପୂର୍ବରୁ ଜାଣିଥିଲି ଏମିତି ଲାଗୁଥିଲା ଯେମିତି ମୁଁ ନୂଆ ସ୍ଥାନକୁ ଆସିଯାଇଛି କାରଣ ଲୋକମାନେ ମୋ ଠାରୁ ଦୁରେଇ ରହୁଥିଲେ । ସେ ଯାହା ହେଉ ସେ କହୁଛନ୍ତି ଯେ, ଏହିପରି ଅବସ୍ଥାରେ ୫୦ଟି ରାତି କଟିଗଲା । ଏବଂ ମୋର ଯେଉଁ ଅନ୍ୟ ଦୁଇଜଣ ସାଥି ଥିଲେ ହଜରତ ହିଲାଲ୍ ବିନ୍ ଉମୈୟା ର:ଅ ଏବଂ ମୁରାରା ବିନ୍ ରବି, ସେମାନେ ଭୀଷଣ ଲଜ୍ଜା ଅନୁଭବ କଲେ ଓ ସେମାନଙ୍କ ଅବସ୍ଥା ଏପରି ହୋଇଯାଇଥିଲା ଯେ, ଏମାନେ ଘରେ ବସି କାନ୍ଦିବାକୁ ଲାଗିଲେ । ସେହି ହିଲାଲ୍ ର:ଅ ଇତ୍ୟାଦି ଲୋକେ ଘରୁ ବାହାରକୁ ବାହାରିଲେ ନାହିଁ । ହଜରତ ହିଲାଲ୍ ର:ଅ ତ, ଘରେ ରହୁଥିଲେ ଅର୍ଥାତ ଅନବରତ ଘର ଭିତରେ ରହୁଥିଲେ ଓ କାନ୍ଦୁଥିଲେ । ହଜରତ କାଆବ୍ ର:ଅ କହୁଛନ୍ତି ଯେ, ମୁଁ ତ ଏହି ଲୋକମାନଙ୍କ ମଧରେ ବହୁତ ଯବାନ୍ ଥିଲେ ଓ ସେମାନଙ୍କ ଅପେକ୍ଷା ମୁଁ କଷ୍ଟକୁ ଅଧିକ ବରଦାସ୍ତ କରିବାବାଲା ଥିଲି । ମୁଁ ବାହାରକୁ ମଧ ବାହାରୁଥିଲି ଓ ମୁସଲମାନମାନଙ୍କ ସହିତ ନାମଜ ମଧ ପଢୁଥିଲି । ମୁଁ ଘରେ ବସି କାନ୍ଦୁ ନଥିଲି । ସେମାନଙ୍କ ପରି ଇସ୍‌ତିବ୍ ଫାର କରୁନଥିଲି । ଇସ୍‌ତିବ୍ ଫାର କରୁଥିଲି କିନ୍ତୁ ତତ୍‌ସହିତ ମୁଁ ଘରୁ ବାହାରକୁ ମଧ ବାହାରିଯାଉଥିଲି ଏବଂ ମସୁଲମାନମାନଙ୍କ ସହିତ ନମାଜରେ ମଧ ଯୋଗ ଦେଉଥିଲି । ମସଜିଦ୍ ମଧ ଆସିଥିଲି । ହଜାର ହଜାର ଲୋକମାନଙ୍କ ଗହଣରେ ବୁଲୁଥିଲି କିନ୍ତୁ ମୋ ସହିତ କେହି ବାର୍ତାଳାପ କରୁନଥିଲେ ଏବଂ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ମଧ ଯାଉଥିଲି । ମସଜିଦ୍ ର ଯେତେବେଳେ ମଜ୍‌ଲିସି ଚାଲୁଥିଲା ସେଠାରେ ମଧ ଯୋଗ ଦେଉଥିଲି । ଆପଣ ସ:ଆ:ସଙ୍କୁ ସଲାମ୍ କହୁଥିଲି, ଯେବେ କି ଆପଣ ସ:ଆ:ସ ନମାଜ ପାଠ କରିବା ପରେ ନିଜ ସ୍ଥାନରେ ବସି ରହୁଥିଲେ ଓ ମୁଁ ମୋ ମନ ଭିତରେ ଏକଥା କହୁଥିଲି ଯେ, କ'ଣ ଆଁ ହଜରତ ସ:ଆ:ସ ମତେ ସଲାମ୍‌ର ଉତର ଦେବାବେଳେ ନିଜର ମୁହଁକୁ ହଲାଇଛନ୍ତି ବା ନାହିଁ । ମୁଁ ଆପଣ ସ:ଂଅ:ସଙ୍କ ନିକଟରେ ଛିଡ଼ା ହୋଇ ନାମଜ ପଢୁଥିଲି ଓ ଆଖି ଚୋରାଇ ଆପଣଙ୍କୁ ଦେଖୁଥିଲି ଏବଂ ଯେତେବେଳେ ନମାଜ ପଢ଼ିବାକୁ ଲାଗୁଥିଲି ସେତେବେଳେ ସେତେବେଳେ ଆପଣ ସ:ଆ:ସ ମୋ ଆଡ଼କୁ ଦେଖୁଥିଲେ । ଯେତେବେଳେ ମୁଁ ଆପଣ ସ:ଆ:ସଙ୍କ ପ୍ରତି ଧ୍ୟାନ ଦେଉଥିଲି ସେତେବେଳେ ଆପଣ ସ:ଆ:ସ ମୋଠାରୁ ମୁହଁ ବୁଲାଇ ନେଉଥିଲେ । ଯେତେବେଳେ ଲୋକାମାନଙ୍କର ବ୍ୟବହାର ମୋ ସହିତ ବହୁ ସମୟ ପର୍ଯ୍ୟନ୍ତ ହେବାକୁ ଲାଗିଲା ମୁଁ ଚାଲିଗଲି ଓ ହଜରତ ଅବୁ କତାଦାଃ ର:ଅଙ୍କ ବଗିଚାର କାନ୍ଥକୁ ପାର ହୋଇଗଲସି । ସେ ମୋ ଚାଚାଙ୍କ ପୁତ୍ର ଥିଲେ ଓ ସବୁ ଲୋକମାନଙ୍କଠାରୁ ସେ ମୋର ଅତ୍ୟ ପ ଥିଲେ । କହୁଛନ୍ତି ମୁଁ ତାଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲି । ପୁଣି ସେ କହୁଛନ୍ତି ଯେ ଈଶ୍ୱରଙ୍କ ରାଣଃ ! ସେ ମତେ ମୋ ସଲାମ୍‌ର ଉତର ମଧ ଦେଲେ ନାହିଁ । ମୁଁ ତାଙ୍କୁ କହିଲି ହେ ଅବୁ କାତାଦା ମୁଁ ତୁମକୁ ଅଲ୍ଲାଃଙ୍କ ରାଣ ଦେଇ ପଚାରୁଛି ଯେ, କଣ ତୁମେ ଜାଣିଛ ଯେ ମୁଁ ଅଲ୍ଲାଃ ଓ ତାହାଙ୍କ ରସୁଲ୍ ସହିତ ପ୍ରେମଭାବ ରଖିଥାଏ ? ସେ ନୀରବ ହୋଇ ରହିଲେ । ପୁଣି ମୁଁ ତାଙ୍କୁ ରାଣ ଦେଇ ପଚାରିଲି ଏଥିରେ ସେ ପୁଣି ଚୁପ ହୋଇ ରହିଲେ । ପୁଣି ତୃତୀୟ ଥର ପାଇଁ ମୁଁ ତାଙ୍କୁ ପଚାରିଲି ଓ ତାଙ୍କୁ ରାଣ ଦେଲି କିନ୍ତୁ ସେ ପୁଣି କହିଲେ ଯେ, ଅଲ୍ଲାଃଙ୍କ ଏବଂ ତାହାଙ୍କ ରସୁଲ୍ ଭଲଭାବେ ଜାଣିଛନ୍ତି ଯେ, ପ୍ରେମଭାବ ରଖିଛ ନା ରଖିନାହିଁ । ଏକଥା ଶୁଣି ଆଖିରୁ ଅଶ୍ରୁଧାରା ଭହିବାକୁ ଲାଗିଲା ମୁଁ ସେଠାରୁ କାନ୍ଥ ପାର ହୋଇ ପୁଣି ଚାଲିଆସିଲି । ପୁଣି ହଜରତ କାଆବ୍ ର:ଅ କହୁଥିଲେ ଯେ, ଏକଦା ମୁଁ ମଦିନାର ବଜାର ଆଡ଼କୁ ବାହାରିଲି ତ କ'ଣ ଦେଖିଲି କି ସିରିୟାର ନବ୍‌ତୀ (ଗୋଷ୍ଠୀ)ର ଜଣେ ନବ୍‌ତୀ ଯିଏ ମଦିନାରେ ଶସ୍ୟ ବିକ୍ରି କରିବା ପାଇଁ ଆସିଥିଲେ ସେ (ଲୋକଙ୍କୁ) ପ୍ରଶ୍ନ କରୁଥିଲା କାବ୍ ବିନ୍ ମାଲିକ୍‌ଙ୍କ ଘର କେଉଁଠି ? ଲୋକମାନେ ମୋ ଆଡ଼କୁ ଇଶାରା କରିବାରୁ ସେ ମୋ ନିକଟକୁ ଆସିଲା ଏବଂ ଗସାନ୍ ସମ୍ରାଟଙ୍କ ଏକ ଚିଠି ମୋତେ ପ୍ରଦାନ କଲା ଯେଉଁଥିରେ ଲେଖାଥିଲା କି ମୋତେ ଖବର ମିଳିଛି କି ତୁମ ସାଥି ତୁମ ସହ କଠୋର ଆଚରଣ କରି ତୁମକୁ ଏକଘରକିଆ କରିଦେଇଛନ୍ତି । ତୁମକୁ ତ ଅଲ୍ଲାଃ ଏଭଳି ଘରେ ଜନ୍ମ ଦେଇ ନାହାନ୍ତି ଯେ ତୁମେ ନିନ୍ଦା ଓ ଅତ୍ୟାଚାର ସହ୍ୟ କରିବାକୁ ଆଦରି ନେବ । ତୁମେ ଆମ ସହ ସାକ୍ଷାତ କର, ଆମେ ତୁମର ସାହାଯ୍ୟ କରିବୁ । **ସେ କୁହନ୍ତି ଉକ୍ତ ପତ୍ର ପାଠ କରିବା ଅନ୍ତେ ମୁଁ ମନରେ କହିଲି ଏହା ମୋର ପରୀକ୍ଷାର ସମୟ । ଅତଏବ ମୁଁ ସେହି ପତ୍ରକୁ ନେଇ ତନ୍ଦୁର୍ ନିକଟକୁ ଗଲି ଏବଂ ପତ୍ରଟିକୁ ତାହା ଭିତରକୁ ନିକ୍ଷେପ କରିଦେଲି ।**

ଯେତେବେଳେ ୫୦ରାତି ମଧ୍ୟରୁ ୪୦ରାତି ଅତିବାହିତ ହୋଇଗଲା ସେତେବେଳେ ହଜୁର ସ.ଅଙ୍କ ନିକଟରୁ ମୋତେ ସନ୍ଦେଶ ମିଳିଲା କି ତୁମେ ନିଜ ପତ୍ନୀଙ୍କ ଠାରୁ ଅଲଗା ରୁହ । ମୁଁ ପଚାରିଲି କ'ଣ ମୁଁ ତାଙ୍କୁ ତଲାକ୍ ଦେଇଦେବି ବା ଆଉ କ'ଣ କରିବି । ଉକ୍ତ ବ୍ୟକ୍ତି ଜଣକ ଉତର ଦେଲେ ତୁମେ କେବଳ ତାଙ୍କ ଠାରୁ ଦୂରେଇ ରୁହ, ତାଙ୍କ ନିକଟକୁ ଯାଅ ନାହିଁ । ହଜୁର ଅନ୍ୟ ଦୁଇ ଜଣଙ୍କୁ ମଧ ସେହି ସନ୍ଦେଶ ପଠାଇଥିଲେ । (ହଜରତ ହିଲାଲ୍ ର:ଅ ଏବଂ ମୁରାରା) ସେମାନଙ୍କୁ ମଧ ଏହିପରି କହି ପଠାଇଲେ । ସେ କହୁଛନ୍ତି ମୁଁ ମୋ ସ୍ତ୍ରୀଙ୍କୁ କହିଲି ଯେ ତୁମେ ନିଜ ଘର ଲୋକଙ୍କ ନିକଟକୁ ଚାଲିଯାଅ ଓ ସେ ପର୍ଯ୍ୟନ୍ତ ସେମାନଙ୍କ ନିକଟରେ ରହିବ ଯେ ପର୍ଯ୍ୟନ୍ତ ଅଲ୍ଲାଃ ତାଲା ଏ ବିଷୟରେ କୌଣସି ନିଷ୍ପତି ନ କରିଛନ୍ତି । ହଜରତ କାଆବ ର:ଅ କହୁଥିଲେ ଯେ ପୁଣି ହିଲାଲ୍ ବିନ୍ ଉମୈୟା ର:ଅଙ୍କ ପତ୍ନୀ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସିଲେ । ଯେଉଁ ସାହାବୀଙ୍କର ଏଠାରେ ମୁଁ ଗୁଣଗାନ କରୁଅଛି ତାଙ୍କ ସ୍ତ୍ରୀ ଆସିଲେ ଓ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ହିଲାଲ୍ ବିନ୍ ଉମୈୟା ର:ଅ ବହୁତ ବୁଢ଼ା ଲୋକ ତାଙ୍କର କେହି ଚାକର ବାକର ନାହାନ୍ତି ଯଦି ମୁଁ ତାଙ୍କର ସେବା କରେ ତେବେ କ'ଣ ଏହାକୁ ଆପଣ ନାପସନ୍ଦ କରିବେ । ଏଥିରେ ଆଁ ହଜରତ ସ:ଆ:ସ କହିଲେ ନୁହେଁ । ଠିକ୍ ଅଛି ତୁମେ ତାଙ୍କର ସେବା କରିଚାଲ । ଖାଦ୍ୟ ପ୍ରସ୍ତୁତ କରିବା ଏବଂ ଘର କାର୍ଯ୍ୟ ତୁମେ କରିଚାଲ କିନ୍ତୁ ସେ ଯେମିତି ତୁମ ନିକଟକୁ ନ ଆସନ୍ତି । ସେ ପୁଣି କହିଲେ ଅଲ୍ଲାଃଙ୍କ ରାଣ ! ତାକୁ ତ ଆଉ କୌଣସି କଥା ଦେଖାଯାଉନାହିଁ ଅଲ୍ଲାଃଙ୍କ ରାଣ ସେ ସେହି ଦିନଠାରୁ ଆଜିଯାଏଁ କାନ୍ଦୁଛନ୍ତି । ସେ କ'ଣ କହିବେ । ଯେବେଠାରୁ ତାଙ୍କୁ ଦଣ୍ଡ ମିଳିଛି, ବାଏକଟ୍ ହୋଇଛନ୍ତି, ଯେବେଠାରୁ ତାଙ୍କ ସହିତ ଏହିପରି ମାମଲା ହେଲାଣି ସେ ତ ସେହିଦିନଠାରୁ ବସି କାନ୍ଦୁଛନ୍ତି । ହଜରତ କାଆବ୍ ର:ଅ କହୁଛନ୍ତି ଯେ, ମୋର କେତେକ ନିକଟ ସମ୍ପର୍କୀୟ ବନ୍ଧୁବାନ୍ଧବ ମତେ କହିଲେ ଯେ, ତୁମେ ମଧ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ନିଜ ସ୍ତ୍ରୀଙ୍କ ବାବଦରେ ଏହିପରି ଅନୁମତି ନେଇ ନିଅ ଯେପରି ହଜରତ ହିଲାଲ ବିନ୍ ଉମୈୟା ର:ଅଙ୍କ ପତ୍ନୀଙ୍କୁ ତାଙ୍କର ସେବା କରିବା ପାଇଁ ଅନୁମତି ମିଳିଗଲା । ଯେହେତୁ ତାଙ୍କୁ ମିଳିଯାଇଛି ତେଣୁ ତୁମକୁ ମଧ ମିଳିଯିବ । ମୁଁ କହିଲି ଅଲ୍ଲାଃଙ୍କ ରାଣ ! ମୁଁ ତ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ କଦାପି ଏ ବାବଦରେ ଅନୁମତି ନେବି ନାହିଁ ଏବଂ ମତେ କ'ଣ ଜଣା ରସୁଲୁଲ୍ଲାଃ ସ:ଆ:ସ ଏ ସମ୍ବନ୍ଧରେ ମତେ କି ପ୍ରକାର ଉତର ଦେବେ । ହଜରତ ହିଲାଲ ର:ଅ ବୃଦ୍ଧବ୍ୟକ୍ତି ଯେବେ କି ମୁଁ ଯୁବକ ତା'ପରେ ସେ କହୁଛନ୍ତି ମୁଁ ଆଉ ୧୦ ରାତି ସେଠାରେ ରହିଲି ଏପରି କି, ଆମ ପାଇଁ ୫୦ ରାତି ସେ ସମୟରେ ପୁରଣ ହୋଇଗଲା ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଆମ ସହିତ ବାର୍ତାଳାପ କରିବା ପାଇଁ ମନା କରିଦେଇଥିଲେ ।

ସେ କୁହନ୍ତି ତା'ପରେ ମୁଁ ଦଶ ରାତି ଅପେକ୍ଷା କରିବା ପରେ ୫୦ତମ ଦିନର ନମାଜ ଫଜର୍ ପରେ ମୁଁ ନିଜ ଘର ଛାତରେ ବସିଥିଲି ସେ ସମ୍ବନ୍ଧରେ ଅଲ୍ଲାଃ ତାଲା ଚର୍ଚ୍ଚା କରିଛନ୍ତି ଅର୍ଥାତ ମୋ ଜୀବନ ମୋ ପାଇଁ ଦୁଃର୍ବିଶ ହୋଇଯାଇଥିଲା ଓ ଏ ଭୁମି ବ୍ୟାପକ ଥିବା ସତ୍ତ୍ୱେ ମଧ ମୋ ପାଇଁ ସଙ୍କୁଚିତ ହୋଇଯାଇଥିଲା କି ଜଣେ ଘୋଷଣାକାରୀର ଶ୍ୱର ଶୁଣିବାକୁ ପାଇଲି ଯେ ସଲା ପାହାଡ଼ ଉପରେ ଚଢି ଉଚ୍ଚ ଶ୍ୱରରେ ଚିତ୍କାର କରୁଥିଲା ହେ କାବ୍ ବିନ୍ ମାଲିକ୍ ! ତୁମ ପାଇଁ ସୁସମାଚାର ଏହା ଶୁଣିବା ମାତ୍ରେ ମୁଁ ସଜ୍‌ଦାରେ ଚାଲିଗଲି ଏବଂ ଜାଣିନେଲି ଏ ବିପଦି ଟଳିଗଲା ଯିଏ ମତେ ଡ଼ାକ ପକାଇଛି ଓ ସୁସମାଚାର ଦେଲା ସେ ନିଶ୍ଚିତରୂପେ ମୋ ମୁକ୍ତି ପାଇବାର କୌଣସି ଖବର ଦେଲେ ତେଣୁ ବିପଦି ଦୂର ହୋଇଗଲା ଏବଂ ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ଫଜର ନମାଜ ପଢ଼ିସାରିଲେ ସେତେବେଳେ ଆପଣ ଘୋଷଣା କଲେ ଯେ, ଅଲ୍ଲାଃ ତାଲା ଦୟାପୂର୍ବକ ଆମର ଭୁଲ୍ ଗୁଡ଼ିକୁ କ୍ଷମା କରିଦେଇଛନ୍ତି । ଏକଥା ଶୁଣି ଲୋକମାନେ ଆମକୁ ସୁସମାଚାର ଦେବାକୁ ଲାଗିଲେ ଓ ମୋର ଦୁଇଜଣ ସାଥିଙ୍କ ଆଡ଼କୁ ମଧ ସୁସମାଚାର ଦେବାକୁ ଲୋକମାନେ ଗଲେ ଅର୍ଥାତ ହଜରତ ହିଲାଲ ର:ଅ ଏବଂ ଅନ୍ୟ ସାଥିଙ୍କ ନିକଟକୁ ଗଲେ । ଜଣେ ଲୋକ ମୋ ନିକଟକୁ ଘୋଡ଼ା ଦଉଡ଼ାଇ ଆସିଲା । ଅସଲମ୍ କବିଲାର ଜଣେ ବ୍ୟକ୍ତି ଦଉଡ଼ି ଆସି ପାହାଡ଼ ଉପରେ ଚଢ଼ିଗଲା ଏବଂ ତା'ର ଆବାଜ ଘୋଡ଼ାଠାରୁ ଅଧିକ ଶିଘ୍ର ପହଂଚୁଥିଲା । ଯେତେବେଳେ ସେ ବ୍ୟକ୍ତି ମୋ ନିକଟକୁ ସୁସମାଚାର ଦେବାପାଇଁ ଆସିଲା ଅର୍ଥାତ ଯାହାଙ୍କ ଆବାଜ ମୁଁ ଶୁଣିଥିଲି ସେତେବେଳେ ମୁଁ ନିଜର ଦୁଇଟିଯାକ ବସ୍ତ୍ରକୁ ଓହ୍ଲାଇଦେଇ ସେହି ବ୍ୟକ୍ତିକୁ ପିନ୍ଧାଇଦେଲି କାରଣ ସେ ମତେ

**ହଜ୍‌ରତ୍ ଅମୀରୁଲ୍**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

ସୁସମାଚାର ଦେଇଥିଲେ ଏବଂ ଅଲ୍ଲାଃଙ୍କ ରାଣ ! ସେ ସମୟରେ ତା' ବ୍ୟତିତ ମୋ ନିକଟରେ ଆଉ କିଛି ନଥିଲା ଯାହା କିଛି ମୋ ନିକଟରେ ଥିଲା ତାହା ସେହି କପଡ଼ା ଥିଲା । ମୁଁ ଆଉ ଦୁଇଟି କପଡ଼ା ଉଧାର ନେଲି ଆଉ କାହାଠାରୁ ମାଗି ତାକୁ ପିନ୍ଧାଇଦେଲି କାରଣ ମୋ ଉପରୁ କଟକଣା ଉଚ୍ଛେଦ ହୋଇଯାଇଥିଲା । ହଜୁର ସ.ଅ ନମାଜ ପାଠ କରିବା ଅନ୍ତେ ଘୋଷଣା କଲେ ଅଲ୍ଲାଃତାଲା ଅନୁଗ୍ରହ ପୂର୍ବକ ଆମ ଦୋଷ କ୍ଷମା ଦେଇଛନ୍ତି । ଏହା ଶୁଣିବା ମାତ୍ରେ ଲୋକମାନେ ମୋ ନିକଟକୁ ଶୁଭେଚ୍ଛା ଜଣାଇବା ପାଇଁ ଆସିଲେ । କିନ୍ତୁ ମୁଁ ହଜୁର ସ.ଅଙ୍କ ନିକଟକୁ ବାହାରିଲି, ଲୋକମାନେ ସୁଅ ଛୁଟିଲା ପରି ମୋ ନିକଟକୁ କ୍ଷମା ସ୍ୱୀକାର ହେବାର ଶୁଭେଚ୍ଛା ଜଣାଇବାକୁ ଆସି କହୁଥାନ୍ତି, ତୁମର ସୌଭାଗ୍ୟ କି ଅଲ୍ଲାଃତାଲା ଦୟା ପୂର୍ବକ ତୁମ ତୌବା ସ୍ୱୀକାର କଲେ । ହଜରତ କାବ୍ କୁହନ୍ତି ଶେଷରେ ମୁଁ ମସଜିଦ୍‌ରେ ପହଂଚି ଦେଖିଲି ହଜୁର ସ.ଅ ବସିଛନ୍ତି ଏବଂ ଚର୍ତୁପାର୍ଶ୍ୱରେ ସାହାବା ଘେରିବସିଛନ୍ତି । ହଜରତ ତଲହା ବିନ୍ ଅବିଦୁଲ୍ଲାଃ ମୋତେ ଦେଖି ମୋ ନିକଟକୁ ଦୌଡ଼ି ଆସିଲେ ଏବଂ ମୋତେ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଲେ । ମୁହାଜିର୍ ମାନଙ୍କ ମଧ୍ୟରୁ ତାଙ୍କ ବ୍ୟତିତ ଆଉ କୌଣସି ବ୍ୟକ୍ତି ମଧ୍ୟ ମୋ ନିକଟକୁ ଉଠି ଆସିଲେ ନାହିଁ ଏବଂ ତଲ୍‌ହା ର:ଅଙ୍କର ଏହି କଥାକୁ ମୁଁ କେବେ ଭୁଲିପାରିବି ନାହିଁ ଏବଂ ହଜରତ କାଆବ୍ ର:ଅ କହୁଥିଲେ ଯେ, ଯେତେବେଳେ ମୁଁ ହଜୁର ସ.ଅଙ୍କୁ **ଅସ୍‌ସଲାମୋ ଅଲୈକୁମ୍** ଜଣାଇଲି ସେତେବେଳେ ଆପଣଙ୍କ ଚେହେରା ଆନନ୍ଦରେ ଝଟକୁ ଥିଲା ଆପଣ କହିଲେ ତୁମ ଖୁସିର ଦିନ ଫେରି ଆସିବା ତୁମ ପାଇଁ ମଙ୍ଗଳମୟ ହେଉ । ସେହି ଦିନ ଠାରୁ ଯେତେବେଳେ ତୁମ ମାତା ତୁମକୁ ଜନ୍ମ ଦେଇଥିଲେ । ମୁଁ ପ୍ରଶ୍ନ କଲି ହେ ଅଲ୍ଲାଃଙ୍କ ରସୁଲ କ'ଣ ଏହି ଖୁସି ଖବର ଆପଣଙ୍କ ତରଫରୁ ନା ଅଲ୍ଲାଃଙ୍କ ତରଫରୁ ? ହଜୁର ସ.ଅ ଉତର ଦେଲେ ଅଲ୍ଲାଃଙ୍କ ତରଫରୁ । ହଜୁର ସ.ଅ ଆନନ୍ଦିତ ହେଲେ ଆପଣଙ୍କ ମୁଖମଣ୍ଡଳ ଚନ୍ଦ୍ରମା ପରି ଉଜ୍ୱଳ ହୋଇ ଉଠେ । ଏପରି ଆମେ ଆପଣଙ୍କ ଖୁସିର ଅନୁମାନ ଲଗାଇ ନେଇଥାଉ । ସେଥିଅନ୍ତେ ମୁଁ ହଜୁର ସ.ଅଙ୍କ ନିକଟରେ ବସିଗଲି ଏବଂ କହିଲି ହେ ଅଲ୍ଲାଃଙ୍କ ରସୁଲ ! ଅଲ୍ଲାଃ ମୋ କ୍ଷମା ସ୍ୱୀକାର କରିବା ପ୍ରତିବଦଳରେ ମୁଁ ନିଜର ସମସ୍ତ ସମ୍ପତିକୁ ଅଲ୍ଲାଃ ଓ ରସୁଲଙ୍କ ମାର୍ଗରେ ସଦ୍‌କା ସ୍ୱରୂପ ଅର୍ପଣ କରୁଅଛି । ହଜୁର ସ.ଅ କହିଲେ ସେଥିରୁ ନିଜ ପାଇଁ ମଧ୍ୟ କିଛି ରଖ ଜାହା ତୁମ ପକ୍ଷେ ଫଳପ୍ରଦ ସାବ୍ୟସ୍ତ ହେବ । ଏଥିରେ ମୁଁ କହିଲି ତେବେ ଖୈବର୍‌ରେ ଥିବା ମୋ ସମ୍ପତି ନିଜ ପାଇଁ ରଖି ନେଉଛି । ତା'ପରେ ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ ! ଅଲ୍ଲାଃ ମୋର ସତ୍ୟନିଷ୍ଠତା ପାଇଁ ମୋତେ ମୁକ୍ତି ପ୍ରଦାନ କଲେ, ତେଣୁ ମୋର ଅନୁତାପ ସ୍ୱୀକାର ସ୍ୱରୂପ ଏହା ହେବ କି ମୁଁ ନିଜର ଅନ୍ତିମ ସମୟ ପର୍ଯ୍ୟନ୍ତ ସର୍ବଦା ସତ କହିବି । କାରଣ ଈଶ୍ୱରଙ୍କ ରାଣ ମୁଁ ମୁସଲମାନମାନଙ୍କ ମଧ୍ୟରୁ କାହାକୁ ଏପରି ଜାଣିନି ଅଲ୍ଲାଃ ତାଲା ତାଙ୍କୁ ସତ କଥା କହିବା ଯୋଗୁଁ ପରୀକ୍ଷା କରିଥିବ, ଯେଉଁଭଳି ସେ ମୋର ପରୀକ୍ଷା ନେଲେ । ଯେବେଠାରୁ ମୁଁ ଆଁ ହଜରତ ସ:ଆ:ସଙ୍କ ନିକଟରେ ଅସଲ ଘଟଣାକୁ ବର୍ଣ୍ଣନା କରିଛି ସେବେଠାରୁ ଆଜି ପର୍ଯ୍ୟନ୍ତ ମିଛ କହିନାହିଁ ଓ ମୁଁ ଏ ଆଶା ରଖିଛି ଯେ, ମୁଁ ବଂଚିଥିବା ପର୍ଯ୍ୟନ୍ତ ମିଥ୍ୟାଠାରୁ ବଂଚି ରହିବି ।

ପୁଣି ସେ କହୁଛନ୍ତି ଯେ, ଅଲ୍ଲାଃ ତାଲା ନିଜ ରସୁଲ୍ ସ:ଆ:ସଙ୍କ ଉପରେ ୱହି ଅବତୀର୍ଣ୍ଣ କଲେ ଏବଂ ଅଲ୍ଲାଃ ନବୀଙ୍କ ଉପରେ ଏବଂ ମୁହାଜିର୍ ଓ ଅନ୍‌ସାରମାନଙ୍କ ପାଇଁ ତୌବା ଗ୍ରହଣ କରି ଦୟା ପ୍ରଦାନ କଲେ ନିଶ୍ଚିତରୂପେ ସେ ସେମାନଙ୍କ ପାଇଁ ବହୁତ ହିଁ ଦୟାଳୁ ଓ କୃପାଳୁ ଅଟନ୍ତି ।

ସେ ଯାହା ହେଉ ସେ କହୁଛନ୍ତି ଯେ, ଅଲ୍ଲାଃଙ୍କ ରାଣ ଯେବେଠାରୁ ଅଲ୍ଲାଃ ତାଲା ମତେ ଇସ୍‌ଲାମ ପ୍ରତି ପଥ ପଦର୍ଶନ କରିଛନ୍ତି ସେ କେବେ ହେଲେ ବି ଏହି ପୁରସ୍କାରଠାରୁ ବଳି ଆଉ କିଛି ଦେଇ ନାହାନ୍ତି ଅର୍ଥାତ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ମୁଖରେ ସତ୍ୟ ବର୍ଣ୍ଣନା କରିଅଛି । ସେ କହୁଛନ୍ତି ବହୁତ ଭଲ ହେଲା ଯେ ମୁଁ ଆଁ ହଜରତ ସ:ଆ:ସଙ୍କୁ ମିଛ କହିନାହିଁ ନଚେତ ମୁଁ ଶେଷ ହୋଇଯାଇଥାନ୍ତି ଯେମିତି ସେହି ଲୋକମାନେ ଯେଉଁମାନେ ମିଛ କହିଥିଲେ, ଶେଷ ହୋଇଗଲେ । ପୁଣି କହୁଛନ୍ତି ଯେ, ଅଲ୍ଲାଃ ତାଲା ମିଥ୍ୟାଚାରୀମାନଙ୍କ ସମ୍ବନ୍ଧରେ ଅତ୍ୟନ୍ତ ଘୃଣ୍ୟ ଶବ୍ଦ ବ୍ୟବହାର କରିଛନ୍ତି । ଅଲ୍ଲାଃ ତାଲା କହିଛନ୍ତି ଯେବେ ତୁମେ ତାଙ୍କ ନିକଟକୁ ଆସିବ ସେମାନେ ତୁମ ସମ୍ମୁଖରେ ରାଣ ଖାଇବେ । ଅଲ୍ଲାଃ ତାଲା ସେହି ମିଥ୍ୟାଚାରୀମାନଙ୍କ ଉପରେ କଦାପି ଖୁସୀ ହେବେ ନାହିଁ । ହଜରତ କାଆବ୍ ର:ଅ କହୁଥିଲେ ଯେ, ଆମ ତିନିଜଣଙ୍କର ନିଷ୍ପତି ଉକ୍ତ ଲୋକମାନଙ୍କ ନିଷ୍ପତିଠାରୁ ଅଧିକ ସମୟ ବିଳମ୍ବରେ ରଖାଗଲା ଯେଉଁମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ବାହାନା କରିଥିଲେ । ଯେତେବେଳେ ସେମାନେ ଆଁ ହଜରତ ସ:ଆ:ସଙ୍କ ନିକଟରେ ରାଣ ଖାଇଲେ ଓ ଆପଣ ସ:ଆ:ସ ତାଙ୍କଠାରୁ ବୟତ ନେଲେ ଏବଂ ସେମାନଙ୍କର କ୍ଷମା ନିମନ୍ତେ ପ୍ରାର୍ଥନା କରିଥିଲେ ଯେବେ କି, ରସୁଲୁଲ୍ଲାଃ ସ:ଆ:ସ ଆମ ପାଇଁ ଫଇସଲାକୁ ମୁଲତବୀ କରିଦେଲେ ଏପରି କି, ଅଲ୍ଲାଃ ତାଲା ସେ ବାବଦରେ ନିଷ୍ପତି କରିଦେଲେ । ସୁତରାଂ ତାହା ହେଉଛି ଏପରି କି, ଅଲ୍ଲାଃ ତାଲା ନିର୍ଦ୍ଦେଶ ଦେଲେ ଯେ, ***ୱଅଲସ୍ ସଲାସତିଲ୍ ଲଜିନା ଖୁଲ୍ଲିଫୁ (ତୌବା : ୧୧୮)*** ।

ସେ କହୁଛନ୍ତି ଯେ, ଏହା ଯୁଦ୍ଧରୁ ଆମକୁ ପଛରେ ରହିଯିବାର ନୁହେଁ । ଏହାର ଅର୍ଥ ଏହା ନୁହେଁ କି ଏହି ତିନିଜଣ ଯିଏ ପଛରେ ରହିଯାଇଥିଲେ । ଏହାର ଅର୍ଥ ହେଉଛି ଏହା କି ଅଲ୍ଲାଃ ତାଲାଙ୍କ ନିଷ୍ପତିରୁ ଆମମାନଙ୍କୁ ସେହି ଲୋକମାନଙ୍କଠାରୁ ପଛରେ ରଖିଦିଆଯାଇଥିଲା । ଅର୍ଥାତ ଯେଉଁମାନେ ଆଁ ହଜରତ ସ:ଆ:ସଙ୍କ ନିକଟରେ ରାଣ ଖାଇଥିଲେ ଓ ମିଛକଥା କହିଥିଲେ ସେମାନଙ୍କଠାରୁ ଅଲଗା ରଖିଥିଲା । *(ସହୀ ବୁଖାରୀ କିତାବୁଲ୍ ମଗାଜି....... ହଦୀସ ୪୪୧୮) (ଫରହଙ୍ଗ୍ ସିରତ୍ ପୃ-୧୫୩ ପ୍ରକାଶନ ଜୱାର୍ ଏକାଡ଼େମୀ ପବ୍ଲିକେଶନ୍ କରାଚୀ)*

ହଜରତ ହିଲାଲ୍ ବିନ୍ ଉମୈୟା ର:ଅ ଅମୀର ମାୱିୟାଙ୍କ ଶାସନକାଳରେ ମୃତ୍ୟୁବରଣ କରିଥିଲେ *(ଅଲ୍‌ଅସାବା ଫିତମିଜି ସାହାବା ଖଣ୍ଡ-୮, ପୃ-୪୨୮....... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୫)*

ତବୁମ୍ ଯୁଦ୍ଧ ସମ୍ବନ୍ଧରେ ଆଉ ଗୋଟିଏ ସଂକ୍ଷିପ୍ତ ନୋଟ ମଧ ରହିଛି ତାହାକୁ ମୁଁ ଏଠାରେ ପଢ଼ିଦେଉଛି । ତବୁକ୍ ହେଉଛି ମଦିନାଠାରୁ ସିରିୟା ଆଡ଼କୁ ଯାଇଥିବା ସେହି ରାଜମାର୍ଗ ଉପରେ ଅବସ୍ଥିତ ଯାହା ବଣିକମାନଙ୍କର ସର୍ବସାଧାରଣ ଯାତାୟାତର

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 16 Jan 2020 Issue No. 3

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

ରାସ୍ତା ଥିଲା । ଏବଂ ତାହା ୱାଦିଉଲ୍ କୁରା ଏବଂ ସିରିୟାର ମଝାମଝି ଗୋଟିଏ ସହର ଅଟେ । ଏହାକୁ ଅସ୍‌ହାବୁଲ୍ ଐକାଃ ର ସହର ମଧ୍ୟ କୁହାଯାଇଛି ଯାହାଙ୍କ ଆଡ଼କୁ ହଜରତ ଶୋଏବ୍ ଆ:ସଙ୍କୁ ପ୍ରେରଣ କରାଯାଇଥିଲା । ହଜରତ ଶୋଏବ୍ ଆ:ସ ମଦିୟନର ନିବାସୀ ଥିଲେ ଏବଂ ସେ ମଦିୟନ ସହିତ ଅସହାବୁଲ୍ ଐକାଃ ଆଡ଼କୁ ମଧ୍ୟ ପ୍ରେରଣ ହୋଇଥିଲେ । *(ମୁଅଜମୁଲ୍ ବୁଲ୍‌ଦାନ ଖଣ୍ଡ-୨, ପୃ-୧୭....... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ)* ଏବଂ ମଦିନାଠାରୁ ତା'ର ଦୁରତା ଊଣା ଅଧିକେ ୩୭୫ ମାଇଲ । ତବୁକ୍ ଯୁଦ୍ଧର ଆହୁରି ଅନେକ ନାମ ମଧ୍ୟ ରହିଛି ଏହାକୁ ଗଜୁୱ୍ୱତୁଲ୍ ଉସ୍‌ରାଃ ବା ଜୈସ୍‌ଶୁଲ୍ ଉସ୍‌ରାଃ ମଧ୍ୟ କୁହାଯାଏ ଅର୍ଥାତ ଅସୁବିଧାର ଯୁଦ୍ଧ ଓ ଅସୁବିଧା ସେନା । ଏବଂ ଏହାକୁ ଗଜୁୱ୍ୱତୁଲ୍ ଫାଜିହାଃ ମଧ୍ୟ କୁହାଯାଏ ସେହି ଯୁଦ୍ଧ ଯାହା ମୁନାଫିକ୍ ମାନଙ୍କୁ ଲଜ୍ଜିତ ଓ ଅପମାନିତ କରୁଥିଲା । *(ଶରହଲ୍ ଅଲାମତୁଯ୍ ଜରକାନୀ......... ଖଣ୍ଡ-୪, ପୃ-୬୬....... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୧୯୯୬)*

ଆଁ ହଜରତ ସ:ଆ:ସ ସୁଲାହ୍ଃ ହୁଦବିୟା ପରେ ସର୍ବପ୍ରଥମ ତବ୍‌ଲିଗ୍ ଚିଠି କୈସରେ ରୋମା ଅର୍ଥାତ ରୋମ୍‌ର ସମ୍ରାଟ ନିକଟକୁ ଲେଖିଲେ ଓ ତାହାକୁ ଲେଖି ସେ ସମୟରେ ଥିବା ବୁସ୍‌ରାର ଇସାଇ ଗଭର୍ଣ୍ଣର ହାରିସ୍ ବିନ୍ ଅବୁ ଶମର୍ ଗସାନୀଙ୍କ ନିକଟକୁ ପଠାଇ ଦେଇଥିଲେ । ସୁତରାଂ ଯେବେ ତାକୁ ଆଁ ହଜରତ ସ:ଆ:ସଙ୍କ ବାର୍ତ୍ତା ପହଂଚିଲା ସେତେବେଳେ ସେ ଶତ୍ରୁତାକୁ ପରିପ୍ରକାଶ କଲା ଓ ମଦିନା ଉପରେ ଆକ୍ରମଣ କରିବା ପାଇଁ ଧମକ ଦେଲା ଯେଉଁଥିପାଇଁ ମଦିନାର ଲୋକମାନଙ୍କୁ ବହୁଦିନ ପର୍ଯ୍ୟନ୍ତ ଏ ଆଶଙ୍କା ରହିଲା ଯେ, ସେ କେତେବେଳେ ବି ମଦିନା ଉପରେ ଆକ୍ରମଣ କରିଦେବ । *(ହଜ୍‌ରତ୍ ସାହେବ୍‌ଯାଦା ମିର୍ଜା ବଶୀର୍ ଅହମଦ୍ ସାହେବ୍ ଏମ୍.ଏ ପୃ-୧୦୨) (ସହି ବୁଖାରୀ କିତାବୁଲ୍ ନିକାହ୍...... ହଦିସ୍ ୪୯୧୩)*

ତବୁକ୍ ଯୁଦ୍ଧ ଘଟିବାର ମୂଖ୍ୟ କାରଣ ସିରିୟାର ନବ୍‌ତୀ ଗୋଷ୍ଠୀ ତୈଳ କାରବାର କରିବାକୁ ମଦିନା ଆସୁଥିଲେ । ସେମାନଙ୍କ ମାଧ୍ୟମରେ ହଜୁର ସ.ଅଙ୍କୁ ଖବର ମିଳିଲା କି କୈଶର ରୋମ୍‌ର ଏକ ସୈନ୍ୟଦଳ ସିରିୟାରେ ଏକତ୍ରିତ ହୋଇଅଛି । ଏବଂ ଆଉ ଗୋଟିଏ ରିୱ୍ୱାୟତ ମୁତାବକ ଆରବର ଇସାଇମାନେ କୈସରଙ୍କ ନିକଟକୁ ଲେଖିଲେ ଯେ ଏହି ବ୍ୟକ୍ତିଜଣକ ଯିଏ ନବୁୱ୍ୱତର ଦାବି କରୁଛନ୍ତି ସେ ଶେଷ ହୋଇଯାଇଛି (ନଉଜୁବିଲ୍ଲାଃ) ମୁସଲମାନମାନଙ୍କୁ ମରୁଡ଼ୀ ଘେରି ନେଇଛି ଯାହା ଫଳରେ ସେମାନଙ୍କ ଜୀବଜନ୍ତୁ ଶେଷ ହୋଇଯାଇଛନ୍ତି ଏଥିରେ କୈସର୍ ଜଣେ ମହାନ୍ ସେନାମୁଖ୍ୟଙ୍କ ନେତୃତ୍ୱରେ ଅନେକ କବିଲା ଓ ଅନେକ ଯୋଦ୍ଧା ବିଶିଷ୍ଟ ୪୦ ହଜାର ସିପେଇମାନଙ୍କର ଗୋଟିଏ ବିରାଟ ସେନା ପ୍ରସ୍ତୁତ କଲା ଯିଏ ବଲ୍‌କାଆ (ଅର୍ଥାତ ତାହା ହେଉଛି ଶିରିୟା ଦେଶର ଗୋଟିଏ ସହର) ସ୍ଥାନରେ ଏକତ୍ରୀତ ହେଲା ଯେହେତୁ ଏହି ଖବରଟିରେ କୌଣସି ସତ୍ୟାସତ୍ୟ ନଥିଲା କିନ୍ତୁ ଯେଉଁ ଖବରଟି ଥିଲା ତାହା ଯୁଦ୍ଧ ପ୍ରସ୍ତୁତିର କାରଣ ହୋଇଗଲା ଯେତେବେଳେ ହଜୁର ସ.ଅଙ୍କୁ ଏଥିସମ୍ବନ୍ଧରେ ଖବର ମିଳିଲା ସେତେବେଳେ ମୁସଲମାନମାନେ ତାହାର ପ୍ରତିରୋଧ କରିବାକୁ ସକ୍ଷମ ନଥିଲେ । ତଥାପି ହଜୁର ସ.ଅ ମୁସଲମାନମାନଙ୍କୁ ଯାତ୍ରା କରିବାର ନିର୍ଦ୍ଦେଶ ଦେଲେ ଏବଂ ଉକ୍ତ ସ୍ଥାନକୁ ଯାତ୍ରା କରିବା ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କଲେ ଯଦ୍ୱାରା ସେମାନେ ପୂର୍ଣ୍ଣ ରୂପେ ନିଜକୁ ପ୍ରସ୍ତୁତ କରିନେବେ । ଏହା ଶରହାଃ ଅଲାମା ଜର୍‌କାନୀରେ ଲେଖାଯାଇଛି *(ଶରାହାଃ ଜରକାନୀ........ ଖଣ୍ଡ-୪, ପୃ-୬୭ ରୁ ୬୮......... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୧୯୯୬) (ଲୁଗାତୁଲ୍ ହଦୀସ୍ ଖଣ୍ଡ-୧, ପୃ-୧୭୪)*

ସାହାବାମାନଙ୍କର ବଳୀଦାନ ଓ ମୁନାଫିକ୍ ମାନଙ୍କର ଯୋଜନା ମଧ୍ୟ ଏଥିରୁ ପ୍ରକାଶ ହେଉଅଛି । ଆଁ ହଜରତ ସ:ଆ:ସ ଏହି ଯୁଦ୍ଧ ପାଇଁ ପ୍ରସ୍ତୁତି ହେବାକୁ ଘୋଷଣା ହିଁ କରିଥିଲେ କି, ମଦିନାରେ ଏକ ପ୍ରକାର ଘୋ ଆରମ୍ଭ ହୋଇଗଲା ଯେଉଁ ସାହାବାମାନେ ଯୁଦ୍ଧ ସାଧନ ରଖିଥିଲେ ସେମାନେ ନିଜ ନିଜର ଶକ୍ତି ମୁତାବକ ବଳିଦାନ କରୁଥିଲେ । ଯେଉଁମାନେ ବିବଶ ଥିଲେ ସେମାନଙ୍କର ଉତ୍ସାହ ଓ ଆବେଗ ଏତେ ଉପରକୁ ପହଂଚିଯାଇଥିଲା ଯେ, ସେମାନେ ଶହ ଶହ ମାଇଲ ରାସ୍ତାକୁ ପାଦରେ ଚାଲିଯିବାକୁ ପ୍ରସ୍ତୁତ ହୋଇଯାଇଥିଲେ । ଏହି ଅଭିଯାନରେ ସାଧନ ଗୁଡ଼ିକୁ ଉପସ୍ଥାପନ କରିବାପାଇଁ କିଏ ନିଜ ଘର ଆଡ଼କୁ ଦଉଡୁଥିଲା ତ କିଏ ନିଜର ସାମାନଗୁଡ଼ିକୁ ଏକାଠି କରୁଥିଲା ଏବଂ ନିଜ ମୁନୀବଙ୍କ ନିକଟରେ ଅଧିକରୁ ଅଧିକ ଦେବାପାଇଁ ଚେଷ୍ଟା କରୁଥିଲେ ସେ ଯାହା ହେଉ କେହି ତ ନିଜ ଘର ଭିତରେ ଖୋଜି ବୁଲୁଥିଲେ ଯେ, କିଛି ମତେ ମିଳିଯାଉ ମୁଁ ତା ସାହାଯ୍ୟରେ ଯୁଦ୍ଧରେ ସାମିଲ ହୋଇଯିବ । ଏବଂ ପାଦରେ ଚାଲିଯିବାପାଇଁ ମଧ୍ୟ ପ୍ରସ୍ତୁତ ହୋଇ ରହିଥିଲେ ଏବଂ କେତେ ଲୋକଙ୍କ ନିକଟରେ ଜୋତା ମଧ୍ୟ ନଥିଲା ଏହିପରି ଲୋକେ ଆଁ ହଜରତ ସ:ଆ:ସଙ୍କ ନିକଟକୁ ଆସି କହିଲେ ଯେ, ଯଦି ଆମକୁ ପାଦରେ ଚାଲି ଚାଲି ଯିବାପାଇଁ କେବଳ ଜୋତା ହିଁ ମିଳିଯାଏ ତେବେ ଆମେ ପାଦରେ ଚାଲି ଯିବା ପାଇଁ ପ୍ରସ୍ତୁତ ଅଛୁ । କିନ୍ତୁ ସେତେବେଳେ ଏପରି ଅବସ୍ଥା ଥିଲା ଯେ, ସେମାନଙ୍କୁ ତାହା ମଧ୍ୟ ଯୋଗାଇ ଦିଆଯାଇପାରିନଥିଲା । ସେ ଯାହା ହେଉ ପ୍ରତ୍ୟେକ ନିଜ ନିଜ ସ୍ଥାନରେ ନିଜର ଜୀବନକୁ ଉପସ୍ଥାପନ କରିବାପାଇଁ ପ୍ରସ୍ତୁତ ରହୁଥିଲା । ହଜରତ ଉମର ର:ଅ ଏକତା ଭାବୁଥିଲେ ଯେ, ତାଙ୍କ ଘରେ ବହୁତ ଧନ ଅଛି ସୁତରାଂ ସେ ଚିନ୍ତା କଲେ ଯେ, ହଜରତ ଅବୁବକର୍ ର:ଅଙ୍କଠାରୁ ଆଗକୁ ବଳିଯିବା ପାଇଁ ଆଜି ମୌକା ମିଳିଛି ତେଣୁ ସେ ନିଜ ଘରର ଅଧା ସମ୍ପତି ଆଣି ଆଁ ହଜରତ ସ:ଆ:ସଙ୍କ ଗୋଚରେ ରଖିଦେଲେ । ଆଁ ହଜରତ ସ:ଆ:ସ କହିଲେ ତୁମେ ନିଜ ଘର ଲୋକମାନଙ୍କ ପାଇଁ କ'ଣ ଛାଡ଼ି ଆସିଛ । ହଜରତ ଉମର୍ କହିଲେ ଯେ, ଅଧା ଧନ ଆଣିଛି ଓ ଆଉ ଅଧା ଛାଡ଼ି ଆସିଛି । ହଜରତ ଅବୁବକର୍ ର:ଅ ନିଜର ସବୁତକ ଜିନିଷ ଆଁ ହଜରତ ସ:ଆ:ସଙ୍କ ଗୋଚରେ ଉପସ୍ଥାପନ କରିଦେଲେ । ଆଁ ହଜରତ ସ:ଆ:ସ ଯେତେବେଳେ ପଚାରି ବୁଝିଲେ ଯେ, ତୁମେ ନିଜ ଘର ଲୋକମାନଙ୍କ ପାଇଁ କ'ଣ ଛାଡ଼ି ଆସିଛ ? ସେ ଉତର ଦେଲେ ଯେ ଘର ଲୋକଙ୍କ ପାଇଁ ଅଲ୍ଲାଃ ଓ ତାହାଙ୍କ ରସୁଲ୍‌ଙ୍କୁ ଛାଡ଼ି ଆସିଛି । ହଜରତ ଉମର୍ ର:ଅ ସେ ସମୟରେ ହଜରତ ଅବୁବକର ର:ଅଙ୍କ ଉପରେ ଈର୍ଷା କରି କହୁଥିଲେ ଯେ, ଅଲ୍ଲାଃଙ୍କ ରାଣ ! ମୁଁ ହଜରତ ଅବୁବକର ର:ଅଙ୍କଠାରୁ କୌଣସି ଜିନିଷରେ ମଧ୍ୟ କେବେବି ଆଗକୁ ବଢ଼ିପାରିବିନି । *(ସୁନନେ ତିର୍‌ମିଜ୍ କିତାବୁଲ୍ ମନାକିବ୍..... ହଦୀସ୍ ୩୬୭୫)*

ହଜରତ ମସିହ ମଉଦ ଆ:ସ ମଧ୍ୟ ଏହି ଘଟଣାକୁ ଚର୍ଚ୍ଚା କରି ବର୍ଣ୍ଣନା କରିଛନ୍ତି । ସେ କହୁଛନ୍ତି ଯେ, "ଏକଦା ଆମ ନବି କରିମ୍ ସ:ଆ:ସ ଟଙ୍କାର ଆବଶ୍ୟକତା ଅଛି ବୋଲି ବତାଇବାରେ ହଜରତ ଅବୁବକର ର:ଅ ଘରର ସମସ୍ତ ଜିନିଷ ଆଣି ହାଜର ହୋଇଗଲେ । ଆପଣ ସ:ଆ:ସ ପଚାରିଲେ ଅବୁବକର ! ଘରେ କ'ଣ ଛାଡ଼ି ଆସିଛ ଏହାର ଉତର ଦେଇ ସେ କହିଲେ "ଅଲ୍ଲାଃ ଓ ତାହାଙ୍କ ରସୁଲ୍" ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ ନାମ ଛାଡ଼ି ଆସିଛି । ହଜରତ ଉମର୍ ର:ଅ ଅଧା ଧନସମ୍ପତି ନେଇ ଆସିଥିଲେ । ଆପଣ ସ:ଆ:ସ ତାଙ୍କୁ ପଚାରିଲେ ହେ ଉମର୍ ! ଘରେ କ'ଣ ଛାଡ଼ି ଆସିଛ ? ସେ ଉତର ଦେଲେ ଯେ, ଅଧା । ହଜରତ ମସିହ ମଉଦ ଆ:ସ କହୁଛନ୍ତି ଯେ, ଏଥିରେ" ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ, ଅବୁବକର୍ ଏବଂ ଉମରଙ୍କ କାର୍ଯ୍ୟ ଶୈଳୀରେ ଯେଉଁ ଫରକ୍ ରହିଛି ତାହା ହିଁ ତାଙ୍କ ପଦମର୍ଯ୍ୟାଦା ମଧ୍ୟରେ ହେଉଛି ଫରକ୍ ।"

*(ମଲ୍‌ଫୁଜାତ୍ ଖଣ୍ଡ-୨, ପୃ-୯୫)*

ହଜରତ ଅବୁବକର ତବୁକ୍ ଯୁଦ୍ଧ ପାଇଁ ଯେଉଁ ଅର୍ଥ ଦାନ କରିଥିଲେ ତାହାର ମୂଲ୍ୟ ୪୦୦୦ଦିରହମ୍ ଥିଲା । *(ଶରହୁଲ୍ ଅଲାମା ଜର୍‌କାନୀ...... ଖଣ୍ଡ-୪, ପୃ-୬୯....... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୬)*

ଏହି ଅବସରରେ ହଜରତ ଉସମାନ ର.ଅ ମଧ୍ୟ ଓଟ, ଘୋଡ଼ା ଓ ଅର୍ଥ ଆଦି ଦାନ କରିଥିଲେ । ଏଥିରେ ହଜୁର ସ.ଅ ମଂଚ ଉପରେ ଚଢି କହିଲେ ହଜରତ ଉସମାନ ର.ଅଙ୍କର ଏହି ଅମଳ ଅର୍ଥାତ କର୍ମ ଅନ୍ତେ ତାଙ୍କର ଅନ୍ୟ କୌଣସି ଅମଳକୁ ନେଇ ହିସାବ ନିକାସ ହେବ ନାହିଁ । ଆଉ ଏକ ରିୱ୍ୱାୟତ ମୁତାବକ ଆଁ ହଜରତ ସ:ଆ:ସ କହିଲେ ଆଜିର ଦିନପରେ ଉସ୍‌ମାନ୍ ର:ଅ ଯାହା କିଛି କର୍ମ କରିବେ ତାହା ତାଙ୍କୁ କଷ୍ଟ ପହଚଂାଇବ ନାହିଁ ଏକଥା ଆପଣ ସ:ଆ:ସ ଦୁଇଥର କହିଲେ । *(ସୁନନେ ତିର୍‌ମିଜ୍ କିତାବୁଲ୍ ମନାକିବ୍...... ହଦିସ୍ ୩୭୦୦-୩୭୦୧) (ଶରହୁଲ୍ ଅଲାମା ଜର୍‌କାନୀ...... ଖଣ୍ଡ-୪, ପୃ-୬୮-୬୯....... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୬)*

ହଜୁର ଅନୱ୍ୱର ଅ.ବ କହିଲେ- ହଜରତ ଅବୁ ଅକିଲ ଜଣେ ସାହାବୀ ଥିଲେ । ସେତେବେଳେ ଯୁଦ୍ଧପାଇଁ କିଛି ଦେବା ନିମନ୍ତେ ତାଙ୍କ ନିକଟରେ କିଛି ନଥିଲା ତେଣୁ ସେ ଜଣଙ୍କ ଜମିରେ ଫସଲକୁ ଜଳ ଯୋଗାଣ କରିବା କାର୍ଯ୍ୟ ମଜୁରୀରେ ନେଲେ ଏବଂ ରାତି ସାରା ରସି ଦ୍ୱାରା କୂଅରୁ ପାଣି କାଢି ଜମିକୁ ଜଳ ସେଚନ କଲେ । ପ୍ରତିବଦଳରେ ତାଙ୍କୁ ଦୁଇ ସା ଅର୍ଥାତ ୪/୫କି.ଗ୍ରା ଖଜୁରୁ ମିଳିଲା । ସେଥିରୁ ଅଧା ନିଜ ସ୍ତ୍ରୀପିଲାଙ୍କ ପାଇଁ ରଖି ବାକି ଅଲ୍ଲାଃଙ୍କ ମାର୍ଗରେ ପେଠ କରିବା ପାଇଁ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହେଲେ ।

ହଜରତ ଅବଦୁର୍ ରହେମାନ୍ ବିନ୍ ଅଔଫ୍ ଏହି ଅବସରରେ ନିଜର ଅଧା ଧନ ଦାନ କରିଦେଲେ ଯାହା ମୋଟ ୪୪୦୦ଦିରହମ୍ ଥିଲା । ହଜରତ ଆସିମ୍ ବିନ୍ ଅଦି ୧୦୦ଓସକ୍ ଖଜୁରୁ ପେଠ କଲେ, (ଗୋଟିଏ ଓସକ୍ ହେଉଛି ୬୦ ସାଆ ଏବଂ ଗୋଟିଏ ସାଆ ହେଉଛି ଅଢ଼େଇ କିଲୋ, ଅଢ଼େଇ ସେରରୁ କିଛି କମ୍ ହୋଇଥାଏ) ଯଦ୍ୱାରା କପଟବିଶ୍ୱାସୀମାନେ ଏହି ଅଭିଯୋଗ କଲେ କି ଏହା ଲୋକଦେଖାଣିଆ କାର୍ଯ୍ୟ ଅଟେ । ଯଦ୍ୱାରା ଅଲ୍ଲାଃତାଲା ଏହି ପଙ୍କ୍ତି ଅବତୀର୍ଣ୍ଣ କଲେ- ଯେଉଁ ଖଜୁର୍ ହଜରତ ଆସିମ୍ ର:ଅ ପେସ୍ କରିଥିଲେ ତାହା ୧୪ ହଜାର କିଲୋ ବା ୧୪ ଟନ୍ ହେଉଛି ତେଣୁ ଏହାକୁ ଦେଖି ମୁନାଫିକ୍‌ମାନେ କହିଲେ ଏହା ତ ଲୋକଦେଖାଣିଆ କଥା ଏଠାରେ ମଧ୍ୟ ସ୍ୱଷ୍ଟ କରିଦେଉଛି ଗତ ଖୁତ୍‌ବାରେ ମୁଁ ଭୁଲ୍ ବଶତଃ ଗୋଟିଏ ଗଣନାରେ ୬୦୦ କିଲୋ ଖଜୁର ବୋଲି କହିଦେଇଥିଲି କିନ୍ତୁ ବାସ୍ତବରେ ତାହା

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**